୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

Vol.27. No.71 Bhubaneswar Friday April 25 2025 | ୨୭ତମ ବର୍ଷ ସଂଖ୍ୟା-୭୧ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୨୫, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ହସ୍ପିଟାଲ ଲିଫ୍ଟରେ ଚାପି ହୋଇ ରୋଗୀଙ୍କ ମୃତ୍ୟୁ

ଭୁବନେଶ୍ୱର,୨୪।୪(ପି.ଏନ): ଭଦ୍ରକ ହସ୍ପିଟାଲରେ ଅଘଟଣ । ହସ୍ପିଟାଲ ଲିଫ୍ଟରେ ଚାପି ହୋଇ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନରସିଂହପୁର ଗାଁର ମିନତୀ ପରିଡ଼ା । ରୋଗୀ ମୃତ୍ୟୁକୁ ନେଇ ଭଦ୍ରକ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଥିଲା ।ମିଳିଥିବା ସୂଚନା ଅନୁସାରେ, ମିନତୀଙ୍କୁ ସ୍ୱାସ୍ଥ୍ୟ ଠିକ୍ ନଥିବାରୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନିଆଯାଇଥିଲା । ସେଠାରେ ତାଙ୍କୁ କଟକ ସ୍ଥାନାନ୍ତର କରିବାକୁ ଡାକ୍ତର କହିଥିଲେ । ଏହାପରେ ପ୍ରାଥମିକ ଚିକିତ୍ସା ପରେ ମହିଳା ୱାର୍ଡକୁ ତାଙ୍କୁ ନିଆଯାଉଥିଲା । ହେଲେ ଏହି ସମୟରେ ଲିଫ୍ଟର ସେନସର କାମ ନକରିବାକରୁ ତାହା ଉପରକୁ ଉଠି ଯାଇଥିଲା । ଫଳରେ



ଲିଫ୍ଟରେ ଚାପି ହୋଇ ମିନତୀଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷରେ ମୃତକଙ୍କ ପରିବାର ଲୋକଙ୍କ ପାଇଁ ୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି । ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ ଏହି ସାହାଯତା ରାଶି ଘୋଷଣା କରିଛନ୍ତି । ସରକାରୀ ଓ ବେସରକାରୀ ସ୍ତରରୁ ଏହି ରାଶି ଦିଆଯିବ । ଘଟଣାର ଯେପରି ପୁନରାବୃତ୍ତି ନହେବ ସେନେଇ ଧ୍ୟାନ ଦେବାକୁ ଜିଲ୍ଲାପାଳ କହିଛନ୍ତି । ଏକ ଟିମ ଗଠନ କରାଯାଇ ଘଟଣାର ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## ୬ ଲକ୍ଷ ଲୋକଙ୍କୁ ରାସନ କାର୍ଡ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ, କଟାକ୍ଷ କଲେ ବିଜେଡି ନେତା ଅରୁଣ ସାହୁ

ଭୁବନେଶ୍ୱର,୨୪।୪(ପି.ଏନ): ଆଜି ୬ ଲକ୍ଷ ରାସନ କାର୍ଡ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ । ପ୍ରତ୍ୟେକ ଲୋକଙ୍କ ପାଖରେ କାର୍ଡ ପହଞ୍ଚିବ । ଏ ନେଇ ପ୍ରକ୍ରିୟା ଜାରିଥିବାବେଳେ ଆଗାମୀ ଦିନରେ ଆହୁରି ଲୋକଙ୍କୁ ରାସନ କାର୍ଡ ବଣ୍ଟାଯିବ ବୋଲି ନିଜ ଅଭିଭାଷଣରେ କହିଛନ୍ତି ଖାଉଟି ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର ।ରାଷ୍ଟ୍ରୀୟ ପଞ୍ଚାୟତି ରାଜ ଦିବସ ଅବସରରେ ରାସନ କାର୍ଡ ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ଖାଉଟି ଯୋଗାଣ ମନ୍ତ୍ରୀ



କୃଷ୍ଣଚନ୍ଦ୍ର ପାତ୍ର ଏବଂ ୨ ଉପମୁଖ୍ୟମନ୍ତ୍ରୀ ସାମିଲ ଥିଲେ । ତେବେ ରାସନ କାର୍ଡକୁ ନେଇ ବିରୋଧୀ ଦଳ ନେତା ଅରୁଣ ସାହୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି , ଡିଜେ ଲଗାଇ ୫୦ ଲକ୍ଷ ଭୂତ ରାସନ କାର୍ଡ କହିଲେ ସରକାର । ଆଜି ୫ ଲକ୍ଷ ଲୋକଙ୍କୁ କାର୍ଡ ବାଣ୍ଟୁଛନ୍ତି ।

## ଟାଇମ୍ସ ହାଇଅର ଏଜୁକେସନ୍ ଏସିଆ ୟୁନିଭର୍ସିଟି ର୍ୟାଙ୍କିଂ ପ୍ରକାଶ

ଭୁବନେଶ୍ୱର,୨୪।୪(ପି.ଏନ): ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍ସ ହାଇଅର ଏଜୁକେସନ୍' ଏସିଆ ୟୁନିଭର୍ସିଟି ର୍ୟାଙ୍କିଂ ଫଳାଫଳ ପ୍ରକାଶ ପାଇଛି। ବୁଧବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ର୍ୟାଙ୍କିଂରେ ପୂର୍ବବର୍ଷଗୁଡ଼ିକ ଭଳି ଏବର୍ଷ ମଧ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍ୟାଙ୍କିଂରେ ଅତି ଉନ୍ନତ ପ୍ରଦର୍ଶନ କରିଛି। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୮୪ ତମ ସ୍ଥାନରେ ରହିଛି। ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୮ମ ସ୍ଥାନରେ ରହିଥିବା ବେଳେ ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଗତବର୍ଷ ଏହି ର୍ୟାଙ୍କିଂରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୯୬ତମ ସ୍ଥାନରେ ରହିଥିଲା। ଏହା ସହିତ ଟାଇମ୍ସ ହାଇଅର ଏଜୁକେସନ୍ ଦ୍ୱାରା କରାଯାଇଥିବା ସ୍ପୋର୍ଟସ ସାଇନ୍ସ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଚଳିତବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବିଭିନ୍ନ ଆଇଆଇଟି, ଏନଆଇଟି ଓ ଆଇଆଇଆଇଟି ଭଳି ଦେଶର ଲବ୍ଧ ପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ କରି ଉନ୍ନତ ପ୍ରଦର୍ଶନ କରିପାରିଛି। ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍ୟାଙ୍କିଂ କରାଯାଇଥିଲା। ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି। କିଟ୍ ମାତ୍ର ୨୭ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୧ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୮ମ ଓ ଏସିଆରେ ୧୮୪ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧାପକ ଅଧାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଆଗାମୀ ଦିନରେ କିଟ୍ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା ପୋଷଣ କରିଛନ୍ତି ।ସୂଚନାଯୋଗ୍ୟ, ଟାଇମ୍ସ ହାଇଅର ଏଜୁକେସନ ଦ୍ୱାରା କରାଯାଉଥିବା ବିଭିନ୍ନ ର୍ୟାଙ୍କିଙ୍ଗ ସମେତ କ୍ୟୁଏସ୍ ର୍ୟାଙ୍କିଙ୍ଗ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ବିଶ୍ୱ ରାଙ୍କିଙ୍ଗରେ ନିରନ୍ତର ଭାବରେ ସ୍ଥାନ ପାଇବା ସହ ପ୍ରମୁଖ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରି କିଟ୍ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛି। ଏହି ମାନ୍ୟତା କିଟ୍‌କୁ ଉଚ୍ଚଶିକ୍ଷାରେ ଉତ୍କର୍ଷତା ଭାବେ ପ୍ରମାଣିତ କରୁଛି।

## ପହଲଗାମ୍ ଆତଙ୍କୀ ଆକ୍ରମଣରେ ଆଉ ଜଣେ ଓଡିଆଙ୍କ ମୃତ୍ୟୁ, ରାୟପୁରରେ ପହଞ୍ଚିଲା ମରଶରୀର



ଭୁବନେଶ୍ୱର,୨୪।୪(ପି.ଏନ): ପହଲଗାମ ଆତଙ୍କୀ ଆକ୍ରମଣରେ ଆଉ ଜଣେ ଓଡିଆଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଦିନେଶ ଅଗ୍ରୱାଲ। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଲାଠୋର ଗାଁର ପ୍ରୟାଗ ଚାନ୍ଦ ଅଗ୍ରୱାଲଙ୍କ ସାନପୁଅ ଦିନେଶ ଅଗ୍ରୱାଲଙ୍କ ପହଲଗାମ ଆତଙ୍କୀ ଆକ୍ରମଣ ମୃତ୍ୟୁ ହୋଇଛି। ଦିନେଶ ଦୀର୍ଘ ଦିନରୁ ଛତିଶଗଡ ରାୟପୁରରେ ବସବାସ କରୁଥିବାରୁ ତାଙ୍କ ପାର୍ଥିବ ଶରୀର ରାୟପୁର ପହଞ୍ଚିଛି।ଜନ୍ମସ୍ଥାନ ଲାଠୋରରେ ଦିନେଶଙ୍କ ମୃତ୍ୟୁ ଖବର ପାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଦୀନେଶ ୨୦ତମ ବିବାହ ବାର୍ଷିକୀ ମନାଇବା ପାଇଁ ସ୍ତ୍ରୀ, ପୁଅ ଓ ଝିଅଙ୍କ ସହ କାଶ୍ମୀର ଯାଇଥିଲେ। ସେଠାରେ ତାଙ୍କୁ ମଧ ଛ । ଡ ି ନ ଥ ୍ ଲ ଆତଙ୍କବାଦୀ।ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇଥିଲେ ଦିନେଶ। ତାଙ୍କ ମରଶରୀର ରାୟପୁରରେ ପହଞ୍ଚିଛି। ସେଠାରେ ତାଙ୍କ ଅନ୍ତିମ ସଂସ୍କାର ହେବ।

## ହଜାରେରୁ ଅଧିକ ମାଓବାଦୀଙ୍କୁ ଘେରି ରହିଛନ୍ତି ସୁରକ୍ଷାକର୍ମୀ, ୫ ମୃତ

ଭୁବନେଶ୍ୱର,୨୪।୪(ପି.ଏନ): ସୁରକ୍ଷାକର୍ମୀଙ୍କ ଘେରା ବନ୍ଦୀରେ ହଜାରେରୁ ଅଧିକ ମାଆବାଦୀ । ୫ ଜଣଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ ଚାଲିଛି ଗୁଳି ବିନିମୟ । ଏମିତି ଖବର ଆସିଛି ଛତିଶଗଡ଼ର ବିଜାପୁରରେ । ମାଓବାଦୀ ନେତା ହିଡମାଙ୍କୁ ଧରିବାକୁ ଅପରେସନ୍ ଚାଲିଥିବା ସୂଚନା ।ବିଜାପୁରରେ ଚାଲିଛଇ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ । ବର୍ତ୍ତମାନ ସୁଦ୍ଧା ୫ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଛତିଶଗଡ଼ ତେଲେଙ୍ଗାନା ସୀମା କାରେଗୁଟ୍ଟା ଜଙ୍ଗରେ ଚାଲିଛି ଏହି ଏନକାଉଣ୍ଟର । ହଜାରେରୁ ଅଧିକ ମାଓବାଦୀଙ୍କୁ ଚାରିପଟୁ ଘେରି ରହିଛନ୍ତି ଯବାନ ।



## ଦୁର୍ଦ୍ଧାନ୍ତ ଅପରାଧି ହୁଣ୍ଡଙ୍କୁ ଢେଙ୍କାନାଳ ପୋଲିସର ଏନକାଉଣ୍ଟର

ଢେଙ୍କାନାଳ: ଢେଙ୍କାନାଳରେ ଦୁର୍ଦ୍ଦାନ୍ତ ଅପରାଧି ଦେବାଶିଷ ବେହେରାଙ୍କୁ ଏନକାଉଛନ୍ତି । ହୁଣ୍ଡର ଗୋଡ଼କୁ ଗୁଳି ମାରିଲା ପୋଲିସ । ଏନକାଉଣ୍ଟର ପରେ ଚିକିତ୍ସା ପାଇଁ ହୁଣ୍ଡଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଶୀଘ୍ର କଟକ ସ୍ଥାନାନ୍ତର କରାଯିବ ବୋଲିସ ଜଣାପଡ଼ିଛି । ଆଜି ଭୋର୍ ସମୟରେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟରେ ପୋଲିସ ଓ ଅପରାଧି ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଗୁଳିବିନିମୟରେ କାମାକ୍ଷାନଗର



ଅଂଚ଼ଳରେ ଅପରାଧ କରି ଆତଙ୍କ ସୃଷ୍ଟି କରିଥିବା କିଙ୍ଗ ଅଫ ଫରେଷ୍ଟ ଗ୍ୟାଙ୍ଗର ଫେରାର ସଦସ୍ୟ ହୁଣ୍ଡ ଆହତ ହୋଇଛି । ଗତରାତିରେ ସହଯୋଗୀ ଲିପୁନ ସହ ମିଶି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲଲେ ହୁଣ୍ଡ । ଖବରପାଇ ସଦର ଥାନା ପୋଲିସ ଉଭୟଙ୍କୁ କାଙ୍କଡ଼ପାଳରୁ ମଙ୍ଗଳପୁର ପର୍ଯ୍ୟନ୍ତ ଗୋଡ଼ାଇଥିଲା । ଏହି ସମୟରେ ପୋଲିସ୍ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ ହୁଣ୍ଡ । ପୋଲିସର ପାଲଟା ଗୁଳିରେ ହୁଣ୍ଡ ବାଇକରୁ ଖସି ପଡିଥିବା ବେଳେ ସହଯୋଗୀ ଲିପୁନ ବାଇକ ସହ ଫେରାର ହୋଇଯାଇଛି । ଘଟଣାସ୍ଥଳରୁ ଏକ ବନ୍ଧୁକ ଜବତ କରିଛି ପୋଲିସ । ହୁଣ୍ଡ ନାଁରେ ଜିଲ୍ଲାର ବିଭିନ୍ନ ଥାନାରେ ପ୍ରାୟ ୧୮ ଟି ଅପହରଣ, ଲୁଟ, ଦାଦାବାଟି ଆଦାୟ, ଗୁଳିମାଡ଼ ଭଳି ମାମଲା ରହିଛି ।

## ବିଜୁବାବୁଙ୍କୁ ଭୁଲିଗଲା ବିଜେଡି: ଭୟରେ ଆତ୍ମସମର୍ପଣ, କାହିଁକି ସାମର୍ଥ୍ୟ ଦେଖାଇପାରିଲାନି ଦଳ

ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଆଗରେ ରଖି ୨୪ବର୍ଷ ଧରି ରାଜ୍ୟରେ କ୍ଷମତା ହାସଲ କରିଥିବା ବିଜେଡି ଏବେ ଖୋଦ୍ ବିଜୁବାବୁଙ୍କୁ ଭୁଲିଯାଇଛି । ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାର ପୁରୋଧା ଭାବେ ବିଜୁବାବୁଙ୍କୁ ଅଭିହିତ କରି ତାଙ୍କର ଜନ୍ମଦିନକୁ 'ପଂଚାୟତିରାଜ ଦିବସ' ରୂପେ ପାଳନ କରୁଥିବା ବିଜେଡି ଗୁରୁବାର ନିଜକୁ ରାଜ୍ୟର ବିଜେପି ସରକାରଙ୍କ ପାଖରେ ଆତ୍ମସମର୍ପଣ କରିଦେଇଛି । ୩୦ଟି ଜିଲ୍ଲା ପରିଷଦ ସମେତ ୭୫ ପ୍ରତିଶତରୁ ଅଧିକ ସରପଂଚ ଓ ସମିତି ସଭ୍ୟ ଏବେବି ବିଜେଡିର ଦଖଲରେ ଥିଲେ ମଧ ଦଳ ନିଜର ସାମର୍ଥ୍ୟ ଦେଖାଇବାରେ ବିଫଳ ହୋଇଛି । ନିଜସ୍ୱ ଦମରେ ମାତ୍ର ୧୦ମାସ ପୂର୍ବରୁ ରାଜ୍ୟରେ ପ୍ରଥମଥର କ୍ଷମତାକୁ ଆସିଥିବା ବିଜେପି ସରକାର ବିଜୁବାବୁଙ୍କ ନାମ ଜଡିତ 'ସମସ୍ତ ସ୍କିମ'କୁ ହଟାଇବା ପରେ ପଂଚାୟତିରାଜ ଦିବସରୁ ବି ବିଜୁବାବୁଙ୍କ ଛାପ ବାଦ୍ ଦେବାରେ ସଫଳ ହୋଇଛି । ବିଜେପି ସରକାର ସୁଚିନ୍ତିତ ଢଙ୍ଗରେ ଏପରି ପଦକ୍ଷେପ ନେଇ ବିଜେଡିକୁ ଏକ ଶକ୍ତ ଝଟକା ଦେବା ସହ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଏବେଠୁ ମୂଳଦୁଆ ପକାଇଥିବାବେଳେ ବିଜେଡିର ଏଭଳି ଆତ୍ମସର୍ମପଣ ପଛରେ କେଉଁ ଅଜଣା ଭୟ ରହିଛି ତାହା ଏବେ ପ୍ରମୁଖ ଚର୍ଚ୍ଚାର କାରଣ ପାଲଟିଛି ।

ବିଜେପି ସରକାର ପାଳିଲେ ପଂଚାୟତିରାଜ ଦିବସ

ଏପ୍ରିଲ ୨୪ତାରିଖରେ 'ଜାତୀୟ ପଂଚାୟତିରାଜ ଦିବସ'କୁ ଓଡିଶା ପ୍ରଥମଥର ପାଇଁ ରାଜ୍ୟରେ



ସରକାରୀସ୍ତରରେ 'ପଂଚାୟତିରାଜ ଦିବସ' ଭାବେ ପାଳନ କରିଛି । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ବିଭିନ୍ନ ଜିଲ୍ଲାରେ ଉପସ୍ଥିତ ରହି ଭବ୍ୟ ଆକାରରେ ଏହି ଦିବସକୁ ପାଳନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ନିଜର ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ମନ୍ତ୍ରୀ ରବି ନାରାୟଣ ନାଏକ, କୃଷ୍ଣଚନ୍ଦ୍ର ପାତ୍ର ଓ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ପୁରୀଠାରେ ପଂଚାୟତିରାଜ ଦିବସର ରାଜ୍ୟସ୍ତରୀୟ ସମାରୋହରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଓ ସାଂସଦ ମଧ ଉପସ୍ଥିତ ଥିଲେ । କେବଳ ସେତିକି ନୁହେଁ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, କେନ୍ଦୁଝର, କୋରାପୁଟ ଓ ବଲାଙ୍ଗୀରରେ ଉପସ୍ଥିତ ରହି ଏହି ସମାରୋହକୁ ମଧ ପାଳନ କରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜାତୀୟ ପଂଚାୟତିରାଜ ଦିବସ ପାଳନ ପାଇଁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ସମସ୍ତ ସମାରୋହରେ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନପ୍ରତିନିଧିମାନେ ବହୁଳ ଭାବେ ସାମିଲ ହୋଇଥିଲେ ।











# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଥନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଋଳିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## ‘କର୍ଫି’ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ଏକଜୁଟ ହେବାକୁ ସ୍ୱର୍ଗୀୟ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ସମାରୋହ



କୁଚିଣ୍ଡା, : କୁଚିଣ୍ଡା ସ୍ଥିତ ଶ୍ରମିକ ଭବନରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆନୁକୁଲ୍ୟରେ ସଂଘର ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗୀୟ ବିଶ୍ୱନାଥ ପଣ୍ଡିତଙ୍କ ୧୦୬ତମ ଜୟନ୍ତୀ ସମାରୋହ ସଂଘ ର ରାଜ୍ୟ ସଭାପତି ଶ୍ରୀ ବିଜୟ କୁମାର ମହାନ୍ତି ଙ୍କ ଅଧକ୍ଷ ତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶ୍ରମିକ ଭବନରେ ଥିବା ସ୍ୱର୍ଗୀୟ ପଣ୍ଡିଜିଙ୍କର ପ୍ରତିମୂର୍ତ୍ତୀରେ ସଭାପତିଙ୍କ ସମେତ ସମ୍ମାନୀୟ ଅତିଥିମାନେ ଓ କର୍ମକର୍ତ୍ତା ବୃନ୍ଦ ମାଲ୍ୟାର୍ପଣ କରିଥିଲେ । ଜୟନ୍ତୀ ସଭାରେ ଶ୍ରୀ ମହାନ୍ତି ସମାଜରେ ସାମାଜିକ ତଥା ଆର୍ଥିକ ବୈଷମ୍ୟ ଓ ଧର୍ମାନ୍ଧତକ୍ଷ ଉଲ୍ଲେଖ କରି ଏସବୁ ବିଷୟରେ ଅବଗତ ଓ ସଚେତନ ହେବା ସହିତ ନିଜର ଦାବୀ ଗୁଡ଼ିକ ଦୃଢ଼ ଭାବରେ ଉପସ୍ଥାପନ କରିବାକୁ ସଂଗଠିତ ହେବା ପାଇଁ ଆହ୍ୱାନ ଜଣାଇଥିଲେ ।ଏଠାରେ ମତ ପ୍ରକାଶ ପାଇଥିଲା ଯେ, ଉକ୍ତ ଦର ଦାମ ବୃଦ୍ଧି ଆର୍ଥିକ ବୈଷମ୍ୟକୁ ଆହୁରି ବୃଦ୍ଧି କରୁଛି । ଏସବୁ ବିରୁଦ୍ଧରେ ଶ୍ରମିକ ଓ ଚାଷୀ ଏକଜୁଟ ହେବା ଆବଶ୍ୟକତା ଉପରେ ଗୁରୁତ୍ୱ ଆରମ୍ଭ କରାଯାଇଥିଲା । ଏହି ସଭାରେ ପୂର୍ବତନ ବିଧାୟକ ଶ୍ରୀ ରାଜେନ୍ଦ୍ର ଛତ୍ରିଆ ଉଦବୋଧନ ଦେଇ ସ୍ୱର୍ଗୀୟ ପଣ୍ଡିଜୀଙ୍କର ଅସଂଗଠିତ ଶ୍ରମିକ ଶ୍ରେଣୀ ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପକ୍ଷତ କରିଥିଲେ ଓ ନିଜର ସଂଘର ସଂଗଠନକୁ ଆହୁରି ଦୃଢ଼ କରିବାକୁ ଆହ୍ୱାନ ଜଣାଇଥିଲେ । ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା ଓ ରାଜ୍ୟ ସମ୍ପାଦିକା ପଦ୍ମାବତୀ କିଶକ୍ଷନ ସଂଘର ସଂଘ ହାସଲ କରିଥିବା ବିଭିନ୍ନ ଦାବୀ ଆଲୋକପାତ କରିଥିବା ସହିତ ସଂଘ ପକ୍ଷରୁ ସରକାରଙ୍କୁ ଦେଇଥିବା ଦାବିପତ୍ର ଉପରେ ଉଚ୍ଚ ସ୍ତରରେ ହୋଇଥିବା ଆଲୋଚନା ସମ୍ପର୍କରେ ଏବଂ ୬୦ବର୍ଷ ପୂର୍ତ୍ତି ସମାରୋହ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଅଧାପକ ଶ୍ରୀ ସୁବାସ ଚନ୍ଦ୍ର ନାୟକ,ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି,ପୂର୍ବତନ ଲେମ୍ପ ସଭାପତି ଶ୍ରୀ ମାନରଞ୍ଜନ ଭୋଇ ପୂର୍ବତନ ବିଜେଡି ଟାଉନ ସଭାପତି ଶ୍ରୀ ଭିମରକ୍ଷକ ପ୍ରସାଦ,ବିଜେଡିର ବ୍ଲକ ସଭାପତି ଶ୍ରୀ ଅମୂଲ୍ୟ ମିଶ୍ର,ବିଜେଡି ଯୁବ ନେତା ଶ୍ରୀ ସନ୍ଦୀପ ମହାନ୍ତି,ଶ୍ରୀ ଚୈତନ୍ୟ ମେହେର, ଶ୍ରୀ ଲକ୍ଷ୍ମଣ ସାହୁ, ମିଳନ ପଲେଇ,ପୁଷ୍ପକେତୁ ଦେଓ,ନୃପମଣି ଧାରୁଆ,ଭିକାରୀ ନାଏକ,ଶ୍ରୀକର କଣ୍ଟା,କୈଳାଶ ତାଉଡିଆ, ଟିକନ୍ ଶର୍ମା,ବବିଲି ଭୋଇ, ଏବଂ ତୋଳାଳୀ ଫୋଲ ମାଝୀ,ପ୍ରେମିକା କକ୍ଷଲୋ, ଯୋଷଦା ମାଝୀ,ଚନ୍ଦ୍ରକାନ୍ତି ବୁଡା,ଅହଲ୍ୟା ସିଂ,ଉର୍ମିଳା ଡୁଡୁଙ୍ଗ ପ୍ରମୁଖ ଏହି ଜୟନ୍ତୀ ସମାରୋହରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।

# ଉଚ୍ଚାକାଂକ୍ଷୀ ଛାତ୍ରଛାତ୍ରୀଙ୍କ ଆଭିମୁଖୀକରଣ ଇଲାଇଟ୍ ଏଚିଭର୍ସର ଦ୍ୱିତୀୟ ପର୍ଯ୍ୟାୟ ଶିବିର



ଭଟଲି, : ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭଟଲି ଠାରେ ଉଚ୍ଚାକାଂକ୍ଷୀ ଛାତ୍ରଛାତ୍ରୀଙ୍କ ଆଭିମୁଖୀକରଣ କାର୍ଯ୍ୟକ୍ରମ ଇଲାଇଟ୍ ଏଚିଭର୍ସର ଦ୍ୱିତୀୟ ପର୍ଯ୍ୟାୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଇଓ ସରୋଜ କୁମାର ଭୁଏ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ସଫଳତା ପାଇବାର ବିଭିନ୍ନ ପାହାଚ ମାନ ଓ ମ୍ୟାଟ୍ରିକ ବୋର୍ଡ଼ ପରୀକ୍ଷାର ପ୍ରସ୍ତୁତି ଉପରେ ବୁଝାଇଥିଲେ ।ଏଥିରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ସର୍ବମୋଟ ୪୨ ଜଣ ଛାତ୍ରଛାତ୍ରୀଙ୍କ ଯୋଗଦାନ କରି ଥିଲେ । ଏଥିରେ ଦେବାନନ୍ଦ ବିଶି,କୃଷ୍ଣ କେଦାର ସାହୁ,ଠାକୁର ସାହୁ, ଯଜ୍ଞବ୍ରତ କର,ଉମାରାଣୀ ବେହେରା,ସୁରେଶ କୁମାର ପଧାନ, ପ୍ରଦୀପ ସାହୁ,ଲଳିତ ବିଶ୍ୱାଲ ,ଅନିମା ବାରିକ ,ଘନଶ୍ୟାମ ପଣ୍ଡା, କୁମୁଦ ଭୋଇ,ବନ୍ଦିତା ପ୍ରଧାନ, ମନୋଜ କୁମାର ନାୟକ, ପରମାନନ୍ଦ ଭୋଇ,ଡାଲେଶ୍ୱରୀ ପଟେଲ, ଜ୍ୟୋତ୍ସ୍ନା ମହାନନ୍ଦ,କୁମୁଦ ଭୋଇ ସାଧନ କର୍ମୀ ପ୍ରମୁଖ ଯୋଗ ଦେଇ ସମସ୍ତ ବିଷୟ ଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ସନ୍ଦେହ ମୋଚନ କରିଥିଲେ ।ପରେ ବିଇଓ ଶ୍ରୀ ଭୁଏ ଉଭୟ ଛାତ୍ରଛାତ୍ରୀ ଓ ସାଧନକର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ସିଆରସିସି ଲୋକନାଥ ମେହେର, ବିରେନ୍ଦ୍ର ପାଣ୍ଡେ, ଶିକ୍ଷକ ନିଳାମ୍ବର ପଟେଲ,ବ୍ୟାସଦେବ ସାହୁ, କିଶୋର ସାହୁ,ଜ୍ଞାନ ରଞ୍ଜନ ସାହୁ,ଦିବାକର ପଟେଲ,ସୁଶାନ୍ତ କରନ ପ୍ରମୁଖ ସହଯୋଗ କରିଥିଲେ ।

# ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା : ଗିରଫ ହୋଇ ଜେଲ ଗଲେ ସ୍ୱାମୀ



ମୁରିବାହାଲ : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ମାଲିସିରା ପଞ୍ଚାୟତ ଚିକିନିବାହାଲି ଗ୍ରାମର ସଞ୍ଜୁ ଯାନି ନାମ୍ନୀ ଜଣେ ବିବାହିତା ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି । ସୂଚନା ମୁତାବକ ଚିକିନିବାହାଲି ଗ୍ରାମର ଦିନ ଭୋଇଙ୍କ ଝିଅ ସଞ୍ଜୁ ଭୋଇ/ଯାନି (୩୨) ଗ୍ରାମର ଜଙ୍ଗଲି ଯାନିଙ୍କ ପୁଅ ପକ୍ଷୀରାଜ ଯାନି(୩୯)ଙ୍କୁ ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିଲେ । ସେମାନଙ୍କ ଦୁଇ ପୁଅ ଝିଅ ଅଛନ୍ତି । ଉଭୟ ସ୍ୱାମୀ -ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା ।ଗତ ୩୧ ତାରିଖ ରାତିରେ ପାରିବାରିକ ଗଣ୍ଡଗୋଳକୁ ନେଇ ସଞ୍ଜୁଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା । ମୃତକ ସଞ୍ଜୁଙ୍କ ବାପା ଦିନ ଭୋଇ ଙ୍କ ଉପସ୍ଥିତିରେ ମୃତକଙ୍କ ଶବକୁ ସ୍ୱାମୀ ପକ୍ଷୀରାଜ ,ପରିବାର ବର୍ଗ ଓ ଗ୍ରାମବାସୀ ମିଶି ଶବକୁ ଦାହ ସଂସ୍କାର ସହ ପୋଡି ଦିଆଯାଇଥିଲା ।ଶବ ଦାହର କିଛି ସମୟପରେ ମୃତ ସଞ୍ଜୁଙ୍କ ବାପା ଦିନ ଭୋଇ ତାଙ୍କ ଝିଅକୁ ହତ୍ୟା କରିଥିବା ଥାନାକୁ ଆସି ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ୍ କେଶ ନଂ ୦୩/୩୫ ରୁଜ୍ଜୁ କରି ସ୍ୱାମୀ ପକ୍ଷୀରାଜକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିଲା । ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଶ୍ମଶାନରୁ ହାଡ଼ ପାଉଁସ ଜବତ କରି ଅଧିକ ତଦନ୍ତ କରିଥିଲା । ଅଧିକ ତଦନ୍ତ ପରେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀ ପକ୍ଷୀରାଜ ଯାନିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି ।

# କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ ବେୟର ଏଜିର ଇଥକ୍ସିସଲଫ୍ୟୁରନ ଅଧିଗ୍ରହଣ EBITDA ୨୦% ବୃଦ୍ଧି ଆଶା

ଭୁବନେଶ୍ୱର : କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ ଲିମିଟେଡ, କୃଷି ଭିତ୍ତିକ ଉଦଭାବନରେ ଏକ ଅଗ୍ରଗାମୀ କମ୍ପାନୀ, କିଛି ନିର୍ଦ୍ଦିଷ୍ଟ ଏସୀୟ ରାଷ୍ଟ୍ର ଗୁଡିକରେ ବିକ୍ରୟ କରିବା ପାଇଁ ବେୟର ଏଜିରୁ ସକ୍ରିୟ ଉପାଦାନ ଇଥକ୍ସିସଲଫ୍ୟୁରନ ବିଶ୍ୱ ସ୍ତରରେ ଅଧିଗ୍ରହଣ କରିବା ଘୋଷଣା କରିଛି ଓ ଏହି ଅଧିଗ୍ରହଣ କ୍ରିଷ୍ଟାଲର ୧୩ତମ ଚୁକ୍ତି ଅଟେ ଏବଂ ୨୦୨୧ ପୋର୍ଟଫୋଲିଓରେ ଭାରତୀୟ କପା, ପର୍ଲ ମିଲେଟ ଓ ସୋରିଷ ବିହନ ଅଧିଗ୍ରହଣ ପରେ ବେୟର ଠାରୁ ଏହା ଦ୍ୱିତୀୟ ଅଧିଗ୍ରହଣ ଅଟେ । ଆନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫସି)ର ସମର୍ଥନରେ, କ୍ରିଷ୍ଟାଲ୍ କ୍ରପ୍ ହେଉଛି ଗବେଷଣା ଓ ବିକାଶ ଭିତ୍ତିକ ଶସ୍ୟରେ ହେଉଥିବା ସମସ୍ୟା ସମାଧାନ କରିବା କମ୍ପାନୀ, ଯାହା ବିଗତ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଉନ୍ନତ, କୃଷି ସମ୍ବନ୍ଧୀୟ ସମାଧାନ ଯୋଗାଇ ଆସୁଛି । କ୍ରିଷ୍ଟାଲର ଏହା ସର୍ବ ବୃହତ୍ତମ ଅଧିଗ୍ରହଣ ମଧ୍ୟରୁ ଅନ୍ୟତମ, ଯାହା ଏହାର ଋଇଓଞ୍ଜଡଇ ୨୦% ବୃଦ୍ଧି କରିବା ସହ ଧାନ ଘାସନାଶକ ବଜାରରେ ଏହାର ନେତୃତ୍ୱ ସୁଦୃଢ଼ କରିବ । ଏହି ଚୁକ୍ତି ବିଶ୍ୱସ୍ନୀୟ ସନରାଇସ ଟ୍ରେଡମାର୍କ ଏବଂ ଇଥକ୍ସିସଲଫ୍ୟୁରନ ରହିଥିବା ମିଶ୍ରିତ ଉତ୍ପାଦ ଓ ଅନ୍ୟାନ୍ୟ ସମସ୍ତ ରେଜିଷ୍ଟ୍ରେସନ ସହିତ ହୋଇଅଛି, ଯାହା ଉତ୍ପାଦର ବିଶ୍ୱସନୀୟତା ସ୍ଥାପିତ କରିଛି ଓ ଇଥକ୍ସିସଲଫ୍ୟୁରନ ଧାନ ଏବଂ ଖାଦ୍ୟଶସ୍ୟ ଫସଲରେ ବଡ-ପତ୍ର ବିଶିଷ୍ଟ ଘାସ ଓ ଅନାବନା ଘାସ ଗୁଡିକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରିବାରେ ଜଣାଶୁଣା , ଯାହା କ୍ରିଷ୍ଟାଲର ପୋର୍ଟଫୋଲିଓରେ ପ୍ରମୁଖ ଭାବେ ଅନ୍ତର୍ଭୁକ୍ତ ହୋଇଅଛି ଓ ଭାରତ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆ (ଭିଏତନାମ, ବାଙ୍ଗଲାଦେଶ, ଥାଇଲ୍ୟାଣ୍ଡ ଓ ପାକିସ୍ତାନ ସମେତ)ର କୃଷକ ମାନଙ୍କୁ ସୁଲଭ-ଦରରେ ଓ ନିରନ୍ତର ସମାଧାନ ସହିତ ଯୋଗାଇବାକୁ ଉତ୍ପାଦ ଗୁଡିକର ସ୍ଥାନୀୟ ଭାବେ ଉତ୍ପାଦନ କରିବା ସକାଶେ କ୍ରିଷ୍ଟାଲର ଲକ୍ଷ୍ୟ ସହ ଏହି ଅଧିଗ୍ରହଣ ହୋଇଅଛି । ଏହି ଅଧିଗ୍ରହଣ ବିଷୟରେ ମନ୍ତବ୍ୟ ଦେଇ କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଙ୍କୁର ଅଗ୍ରୱାଲ କହିଛନ୍ତି ' ଏହି ଅଧିଗ୍ରହଣ ହେଉଛି ଏକ ନମୂନା ଯାହା ସମାଧାନ ଗୁଡିକ ସହିତ ଆମର ପୋର୍ଟଫୋଲିଓକୁ ସୁଦୃଢ଼ କରିବାକୁ ପ୍ରାଧାନ୍ୟ ଦେଇଛି ଯାହାଦ୍ୱାରା କୃଷକ ମାନଙ୍କ ଜୀବନରେ ବାସ୍ତବିକ ଭାବେ ପରିବର୍ତ୍ତନ ଆଣିଛି ଓ ଏହି ଚୁକ୍ତି ସହ, ଆମେ କୃଷକ ମାନଙ୍କୁ ଘାସ ପରିଚାଳନରେ ଉନ୍ନତ ସମାଧାନ ସହିତ ସଶକ୍ତ କରାଇବାରେ ଆଉ ଏକ ପାଦ ଆଗକୁ ବଢାଇଛୁ ଓ ଆମର ଦୃଢ ବିତରଣ ନେଟୱାର୍କ ଏବଂ ଉତ୍ପାଦନ ଦକ୍ଷତା ଦ୍ୱାରା, ଏହି ସବୁ ସମାଧାନ ଗୁଡିକ ସମଗ୍ର ଭାରତ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆରେ କୃଷକ ମାନଙ୍କ ପାଖକୁ ପ୍ରଭାବଶାଳୀ ଭାବେ ପହଞ୍ଚିବା ଆମେ ସୁନିଶ୍ଚିତ କରିବୁ । ଧାନ ଫସଲ ପ୍ରଣାଳୀ ଉପରେ କ୍ରିଷ୍ଟାଲର ଜ୍ଞାତତା ଏହି ଅଧିଗ୍ରହଣକୁ ପ୍ରାକୃତିକ ଭାବେ ଯୋଗ୍ୟ କରିଛି, ଯାହା କୃଷକ ମାନଙ୍କୁ ଘାସରୁ ଫସଲ କାଟିବା ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ବିସ୍ତୃତ ସମାଧାନ ପ୍ରଦାନ କରିବା ଦ୍ୱାରା ଏହାର ସାମର୍ଥ୍ୟ ଉନ୍ନତ ହୋଇପାରିଛି ଓ ଦକ୍ଷିଣ ଏସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆରେ କମ୍ପାନୀର ଭାଗିଦାରୀ ଓ ଅଧିଗ୍ରହଣ ଦ୍ୱାରା ନିଜର ଉପସ୍ଥିତିକୁ କୃଷି ଭିତ୍ତିକ ସମାଧାନ ବଜାରରେ ଏକ ନେତୃତ୍ୱ ଭାବେ ସୁଦୃଢ଼ କରିଛି । କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ ଅଧିଗ୍ରହଣ ମାଧ୍ୟମରେ ଅଜୈବ ବିକାଶ କରିବାରେ ଏକ କୃତୀ ସ୍ଥାପିତ କରିଛି ।

# ସାମ୍ବାଦିକଙ୍କ ପିତୃ ବିୟୋଗ



କେନ୍ଦ୍ରାପଡ଼ା, : 'ସମାଜ'ର କେନ୍ଦ୍ରାପଡ଼ା ଜିଲା ପ୍ରତିନିଧି ସୋମନାଥ ସାହୁଙ୍କ ବାପା ରାମଚନ୍ଦ୍ର ସାହୁ(ରାଧେଶ୍ୟାମ)ଙ୍କର ଗତ ବୁଧବାର ସନ୍ଧ୍ୟାରେ ଖାନନଗର ଆଠଘରିଆ ସାହି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ବାର୍ଦ୍ଧକ୍ୟ ଜନିତ କାରଣରୁ ସେ କିଛିଦିନ ହେବ ଘରେରହି ଚିକିତ୍ସିତ ହେଇ ଆସୁଥିଲେ । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବଲି ସାହୁ, ବଡ଼ ଝିଅ ଝୁନୁବାଳା ସାହୁ, ବଡ଼ ପୁଅ ବିଶ୍ୱନାଥ ସାହୁ, ମଝିଆ ପୁଅ କାଶୀନାଥ ସାହୁ, ସାନ ପୁଅ ସାମ୍ବାଦିକ ସୋମନାଥ ସାହୁ, ପୁତ୍ର ବଧୂ ରୀନାରାଣୀ ସାହୁ, ସୁକାନ୍ତି ସାହୁ, ନନ୍ଦିତା ସାହୁ, ଜାମାତା ନବକିଶୋର ସାହୁ, ପବିତ୍ର ସାହୁ, ନାତି, ନାତୁଣୀ, ବନ୍ଧୁ ଓ ବାନ୍ଧବ ଏବଂ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ସାହୁ ଜଣେ ଧର୍ମପରାୟଣ, ଅମାୟିକ ଓ ମେଳାବି ବ୍ୟକ୍ତି ଥିଲେ । ତାଙ୍କ ପରଲୋକରେ ଖାନନଗର, ଆଠଘରିଆ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଖାନନଗର ସ୍ଥିତ ସ୍ୱର୍ଗଧାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଜ୍ୟୋଷ୍ଠପୁତ୍ର ବିଶ୍ୱନାଥ ସାହୁ ମୁଖାଗ୍ନି ଦେଇଥିଲେ । ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ଼. ପ୍ରଭାସ ଆଚାର୍ଯ୍ୟ, ସମାଜର ସମ୍ପାଦକ ଶ୍ରୀ ତପନ ମିଶ୍ର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ଥିବା ପରିବାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଶ୍ରୀ ଅନ୍ନ ଅଭିଜାନ କାର୍ଯ୍ୟକ୍ରମର ମାଣ୍ଡିଆ ମଣ୍ଡି ଉଦ୍ଘାଟିତ



ଫୁଲବାଣୀ, : ଶ୍ରୀ ଅନ୍ନ ଅଭିଜାନ କାର୍ଯ୍ୟକ୍ରମ ସ୍ୱାତୀ ଟିକାବାଲି ଙ୍କ ତରଫରୁ ଉଦ୍ୟୋଗି କୃଷି ଉତ୍ପାଦନ ସଙ୍ଗଠନ ସହଯୋଗରେ ଗୁଟିଙ୍ଗିଆ ସ୍ଥିତ ପାଡାଙ୍ଗି ଛକ ଠାରେ ମାଣ୍ଡିଆ କିଣାବିକା ପାଇଁ ଏକ ମଣ୍ଡି କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଙ୍କ ତତ୍ୱାବଧାନରେ ଉଦ୍ଘାଟନ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଯୋଗଦେଇ ମଣ୍ଡିକୁ ଉଦ୍ଘାଟନ କରିଥିଲେ । ମାଣ୍ଡିଆ ଚାଷକୁ ଆଗାକୁ ବଢାଇବା ପାଇଁ ରାଜ୍ୟ ସରକାର ଏହି ମଣ୍ଡିର ବ୍ୟବସ୍ଥା କରି ଚାଷି ମାନଙ୍କୁ ଉପଯୁକ୍ତ ମୂଲ୍ୟ ଦେବା ପାଇଁ ଚେଷ୍ଟା କରୁଥିବା ବେଳେ କିଲୋ ପ୍ରତି କିଣା ଦର ୪୫ ଟଙ୍କା ରଖିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଚାଷି ମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ପାଇଁ ମାଣ୍ଡିଆ କିପରି ଗ୍ରାମାଂଚଳ ଲୋକଙ୍କ ଖାଦ୍ୟ ରୁ ଆଜି ସହରାଂଚଳ ଲୋକଙ୍କ ଖାଦ୍ୟ ପାଲଟି ଯାଇଛି ତାହା ଉପସ୍ଥାପନା କରିଥିଲେ । ଏଥି ସହିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରି ସିତାକାନ୍ତ ରାଉତ ଚାଷି ଅମଳ କରୁଥିବା ସମସ୍ତ ମାଣ୍ଡିଆ କିପରି ମଣ୍ଡିକୁ ଆସିପାରିବ ତାହା ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍କିମ୍ ଅଫିସର ହେମନ୍ତ କୁମାର ଦାସ, ଶ୍ରୀ ଅନ୍ନ ଅଭିଜାନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜିକା ସବିତା ସୁବୁଦ୍ଧୀ, ଅତିରିକ୍ତ ଜିଲ୍ଲା ସଂଯୋଜକ ସୁରେଶ କୁମାର ମହାପାତ୍ର, ଟିକାବାଲି ବ୍ଲକ୍ କୃଷି ଅଧିକାରି ସନ୍ତୋସ ଦଳବେହେରା ଉପସ୍ଥିତ ରହି ମାଣ୍ଡିଆ ର ସଠିକ୍ ମାନ ରଖିବା ପାଇଁ ଚାଷି ମାନେ କଣ କଣ ପଦକ୍ଷେପ ନେଇପାରିବେ ତାହା ବୁଝାଇଥିଲେ । ଅନୁଷ୍ଠାନର ସଂପାଦକ ହରିଶଙ୍କର ରାଉତ ଉପସ୍ଥିତ ରହି ଚାଷି ମାନଙ୍କୁ ଅଧିକ ସଂଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ ।ପ୍ରଥମ ଦିନରେ ମଣ୍ଡିରେ ୧୯ ଜଣ ଚାଷି ମୋଟ ୨୭.୫ କ୍ୟୁଟାଂଲ୍ ମାଣ୍ଡିଆ ବିକ୍ରୟ କରିଥିବା କୃଷି ଉତ୍ପାଦନ ସଙ୍ଗଠନ ର ମୁଖ୍ୟ ପରିଚାଳକ ଗାୟତ୍ରୀ ରଣା ସୂଚନା ଦେଇଥିଲେ ।

# ପୂଜା ପେଣ୍ଡାଲରେ ନାଚୁଥିବା ଝିଅ ପୁସ୍ତକ ଉନ୍ମୋଚନ





କେନ୍ଦ୍ରାପଡା, : ଆଜି କେନ୍ଦ୍ରାପଡା ବ୍ଲକ୍ ଗୁଲନଗର ଗ୍ରାମ ପନ୍ଚାୟତ ଅନ୍ତର୍ଗତ ସଞ୍ଜିବନୀ ବିଦ୍ୟା ମନ୍ଦିର ପରିସରରେ ରାଜନଗର ବନଫୁଲ ସାହିତ୍ୟ ସଂସଦ ଆନୁକୁଲ୍ୟରେ ବିଶିଷ୍ଟ ଜନବାଦୀ କବି ଡ. ସମୀର ରଂଜନଙ୍କ କବିତା ସଂକଳନ ପୁଜା ପେଣ୍ଡାଲରେ ନାଚୁଥିବା ଝିଅ ପୁସ୍ତକର ଉନ୍ମୋଚନୀ କାର୍ଯ୍ୟକ୍ରମ ବିଶିଷ୍ଟ କବି ଓ ବନଫୁଲର ସଂଯୋଜକ ଲେଖକ ଶ୍ରୀଯୁକ୍ତ ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ବନଫୁଲର ପ୍ରତିଷ୍ଠାତା ତଥା ଅଧାପକ ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୀତୁଆ ସନ୍ଧ୍ୟାର ପୁସ୍ତକ ଉନ୍ମୋଚନୀ ଉତ୍ସବରେ ଶିକ୍ଷୟିତ୍ରୀ ରଂଜୀତା ସେନାପତି ମଞ୍ଚ ପରିଚାଳନା କରିଥିବା ବେଳେ ମଞ୍ଚ ସଂଯୋଜନା କରିଥିଲେ କବୟିତ୍ରୀ ରସ୍ମିତା ସେନାପତି ଏବଂ ଶିକ୍ଷକ ମନୋଜ ସତପଥୀ । ମନ୍ମାସୀନ ମୁଖ୍ୟ ଅତିଥୀଭାବେ ପ୍ରାକ୍ତନ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା, ମୁଖ୍ୟବକ୍ତା ଡ. ଶ୍ରୀଧର କୁମାର ସାମଲ, ସମ୍ମାନୀୟ ଅତିଥି ଭାବେ ଶିକ୍ଷକ ପ୍ରେମାନନ୍ଦ ଜେନା, ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ସାହୁ, ଅଧାପକ ବୃନ୍ଦାବନ ଦାସ, ଶିକ୍ଷୟିତ୍ରୀ ଓ ବିଶିଷ୍ଟ କବୟିତ୍ରୀ ଚାରୁଲତା ଭୂୟାଁଙ୍କ ସମେତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଷଡଙ୍ଗୀ, କବି ଅଶୋକ କୁମାର ସାହୁ, କବି ସ୍ୱପ୍ନାସୁ ଦାସ, କବୟିତ୍ରୀ ଗୋଲାପ ରାଉତ, କବି ଶରତ ଚନ୍ଦ୍ର ରାଉତ, କବିୟିତ୍ରୀ କବିତା ମୁଦୁଲି, କବି ରଂଜନ ବାଇ, କବି ବାପି ମଲ୍ଲ, କବୟିତ୍ରୀ ଲିଜା ପଣ୍ଡା, ନୀରୂପମା ଦାସ, ସୌଭାଗ୍ୟ ଦାସ, ଯୋଗଗୁରୁ ସଞ୍ଜୟ ମଥାନ ପ୍ରମୁଖ ଶତାଧିକ କବି ଓ କବୟିତ୍ରୀ ମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ତିତ ରହି ନିଜ ନିଜର ସ୍ୱରଚିତ କବିତା ଗୁଡିକୁ ପାଠ କରିଥିଲେ । ଏହି ନବ ବର୍ଷରେ କବୟିତ୍ରୀ ଜାମିନୀ ଦାସଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ତାଙ୍କୁ ପୁଷ୍ପଗୁଛ, ଉତ୍ତରୀୟ ଏବଂ ଏକ ଉନ୍ମୋଚନୀ ପୁସ୍ତିକାଦେଇ ସମ୍ବର୍ଦ୍ଧିତ କରିବା ସହିତନବବର୍ଷ ଓ ଜନ୍ମଦିନ ଶୁଭେଚ୍ଛା ମଧ୍ୟ ଜ୍ଞାପନ କରାଯାଇଥିବା ଦେଖିବାକୁ ମିଳିଥିଲା ।

# ମୁରିବାହାଲ ବନଖଣ୍ଡରେ ବଢୁଛି ହାତୀ ଉପଦ୍ରବ : ବନବିଭାଗ ହାତୀ ମଳ ଖୋଜୁଥିବା ଚର୍ଚ୍ଚା

ମୁରିବାହାଲ: ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଣୁଆ ହାତୀଙ୍କ ଉପଦ୍ରବ ବଢିବାରେ ଲାଗିଛି ।ଗତ ଗୁରୁବାର ବିଳମ୍ବିତ ରାତିରେ ୧୩ ଟିକିଆ ହାତୀପଳ ବଡସାଇମରା ପଞ୍ଚାୟତ କାର୍ଯ୍ୟାଳୟର ପାଚେରି ଭାଙ୍ଗିଦେଇ ପଞ୍ଚାୟତ ପରିସରରେ ଥିବା ଅସ୍ଥାୟୀ ଧାନମଣ୍ଡି ଭିତରକୁ ପଶି ତାଣ୍ଡବ ରଚିଥିବା ଦେଖିବାକୁ ମିଳିଛି । ମଣ୍ଡିରେ ଥିବା ଚାଷିଙ୍କ ହଜାର ହଜାର ବସ୍ତା ଧାନକୁ ଛିନଛତ୍ର କରିଦେଇ ୭୮ ବସ୍ତା ଧାନ ଖାଇ ଜଣାପଡିଛି । ଖବର ପାଇ ମୁରିବାହାଲ ତହସିଲଦାର ଜଗଦୀଶ କାର୍ଡାମି,ସହକାରୀ ନିବନ୍ଧକ



ସମବାୟ ସମିତି ସମୂହ ଟିଟିଲାଗଡ଼ ମଣ୍ଡଳର ଏସ କେ ମଲ୍ଲିକ,ମୁରିବାହାଲ ବନଖଣ୍ଡ ଅଧିକାରୀ ଶିବପ୍ରସାଦ ନାଏକ ଘଟଣା ସ୍ଥଳକୁ ପହଞ୍ଚି ଆକଳନ କରି ନଷ୍ଟ ହୋଇଥିବା ସମସ୍ତ ଧାନର କ୍ଷତିପୂରଣ ସରକାରଙ୍କ ପକ୍ଷରୁ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ହାତୀପଳ ଗତ ସୋମବାର ରାତିରେ ଗୁଡିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମର ସୁମନ ନାଏକ ନାମକ ଜଣେ ଚାଷିଙ୍କ ଘର ଭାଙ୍ଗିଦେଇ ଅମଳ କରିଥିବା ୨୨ ବସ୍ତା ଧାନ ଖାଇବା ସହ ଚାଷିଙ୍କ ଜମିରେ ଥିବା ଏକ ସୋଲାର ବୋରୱେଲ ଓ ସୋଲାର ପ୍ଲେଟକୁ ଭାଙ୍ଗି ଦେଇ ପନିପରିବା ଫସଲ ନଷ୍ଟ କରି ଦେଇଥିଲା ।ସେହିପରି ମଙ୍ଗଳବାର ରାତିରେ ଏହି ପଞ୍ଚାୟତର ଖରବାହାଲି ଗ୍ରାମର ଚାଷୀ ବୈଦ୍ୟନାଥ ପଧାନ ଓ ରାମ ଖମାରୀଙ୍କ ଧାନ ଖାଇ ଦେଇ ନଷ୍ଟ କରିଦେଇଥିଲା । ଦିନକୁ ଦିନ ହାତୀ ଉପଦ୍ରବ ବଢୁଥିବା ବେଳେ ବନବିଭାଗ ହାତୀ ମଳ ଖୋଜି ବୁଲୁଥିବା ଚର୍ଚ୍ଚା ହେଉଛି ।ଏହି ହାତୀପଳ କେତେବେଳେ ସ ?ଇଁନ୍ତଳା ବନଖଣ୍ଡକୁ ଚାଲି ଯାଉଥିବା ବେଳେ ପୁଣି ମୁରିବାହାଲ ବନଖଣ୍ଡକୁ ଫେରି ଆସି ଫସଲ ନଷ୍ଟ କରି ଦେଉଥିବାରୁ ଅଞ୍ଚଳର ଚାଷି ଏବେ ଚିନ୍ତାରେ ପଡ଼ିଛନ୍ତି । ହାତୀ ରହୁଥିବା ଅଞ୍ଚଳରେ ବନବିଭାଗ ସଚେସନ କରୁନଥିବା ଅଭିଯୋଗ ହେଉଛି ।

# 'ଉତ୍କଳିକା' ଭାରତର ପ୍ରଖ୍ୟାତ ଶିଳ୍ପୀଙ୍କ ଆଧୁନିକ ଚିତ୍ରକଳାର ଏକ ପ୍ରଦର୍ଶନୀ'



ଭୁବନେଶ୍ୱର, : ନୂଆ ଦିଲ୍ଲୀର ଜାତୀୟ ଆଧୁନିକ କଳା ଗ୍ୟାଲେରୀ (ଏନ. ଜି.ଏମ୍. ଏ), ଲଳିତ କଳା ଏକାଡେମୀ ଓ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ମିଳିତ ଭାବରେ, ୮ ରୁ ୧୦ ଜାନୁଆରୀ, ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ୧୮ ତମ ପ୍ରବାସୀ ଭାରତୀୟ ଦିବସ ସହିତ ଆଧୁନିକ ଏବଂ ସମସାମୟିକ ଇତିହାସକୁ ଅନୁସନ୍ଧାନ କରି ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଉତ୍କଳିକା – ଆଧୁନିକ କଳାର ଏକ ପ୍ରଦର୍ଶନୀ' ଆୟୋଜନ କରୁଛି । ଏହି ସ୍ୱତନ୍ତ୍ର ପ୍ରଦର୍ଶନୀର ଉଦ୍ଦେଶ୍ୟ ହେଉଛି ଜାତୀୟ ଆଧୁନିକ କଳା ଗ୍ୟାଲେରୀ ,ମୁମ୍ବାଇ ଶାଖା ଦ୍ୱାରା ଭାରତର ମନ୍ଦିର ନଗରୀକୁ ଅଣାଯାଇଥିବା କଳାକୃତି ତଥା ଜାତୀୟ ସମ୍ପତ୍ତିର ସଂଗ୍ରହ ସହିତ ପରିଦର୍ଶକ ପ୍ରବାସୀ ଏବଂ କଳା ଉତ୍ସାହୀ ମାନଙ୍କୁ ପରିଚିତ କରାଇବା । ଏହି ମୂଲ୍ୟବାନ କଳାକୃତି ଗୁଡ଼ିକ ପରିଦର୍ଶକ କଳା-ପ୍ରେମୀଙ୍କୁ ଭାରତୀୟ ଐତିହ୍ୟର ବିବିଧ ଏବଂ ସ୍ପନ୍ଦନଶୀଳ ରଙ୍ଗ ଦେଇ ଗତି କରିବା ପାଇଁ ପ୍ରଦର୍ଶିତ କରାଯିବ । କଳାକୃତି ଗୁଡ଼ିକ ମାଧ୍ୟମରେ ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ମୂଳକୁ ଫେରିବାର ବିଷୟବସ୍ତୁର ଚିତ୍ରଣ ମାଧ୍ୟମରେ ପ୍ରତିନିଧିତ୍ୱ କରୁଥିବା ଅନନ୍ୟ ଆଦିବାସୀ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବ । ଏହି ପ୍ରଦର୍ଶନୀ କଳା ପ୍ରେମୀ, ଛାତ୍ର ଏବଂ ଗବେଷକ ମାନଙ୍କ ପାଇଁ ଆଗ୍ରହ, ପାରସ୍ପରିକ କ୍ରିୟା ଏବଂ ସୃଜନଶୀଳତା ଏବଂ ଶିକ୍ଷାକୁ ପ୍ରେରଣା ଦେବା ପାଇଁ ଉଦ୍ଦିଷ୍ଟ ।୧୯ ଶ ଶତାବ୍ଦୀର ପ୍ରାରମ୍ଭରୁ ଭାରତର ସମସାମୟିକ ସମୟ ପର୍ଯ୍ୟନ୍ତ ପ୍ରମୁଖ କଳାକାରଙ୍କ ସମେତ ପ୍ରଖ୍ୟାତ କଳାକାର ଏସ୍.ଏଚ୍. ରଜା, କେ.ଏଚ୍. ଆରା, ଏଫ୍.ଏନ୍. ସୌଜା, ଶଙ୍କର ପାଲଶିକର, ଆକବର ପଦ୍ମସୀ, ଏମ୍.ଏଫ୍. ହୁସେନ, ତାଏବ ମେହେଟ୍ଟା, ଭି.ଏସ୍. ଗୈତୋଣ୍ଡେ, ରାମ କୁମାର, ଏମ୍.ଭି. ଧୁରନ୍ଧରେତେଙ୍କ ମାଷ୍ଟରପିସ୍ ଭାରତୀୟ ଉପମହାଦେଶରେ ଆଧୁନିକ କଳାର ପରୀକ୍ଷାମୂଳକ ଏବଂ ସାହସିକ ଯାତ୍ରା ଏବଂ ଅନ୍ତର୍ଜାତୀୟ କଳା ପରିସ୍ଥିତି ଉପରେ ଏହାର ପ୍ରଭାବକୁ ପ୍ରତିନିଧିତ୍ୱ କରେ ।ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ 'ଉତ୍କଳିକା' ଭାରତୀୟ ଆଧୁନିକ ଏବଂ ସମସାମୟିକ କଳା ପ୍ରତି ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରିବା ପାଇଁ ନୂଆଦିଲ୍ଲୀର ଏନଜିଏମଏର ମହାନିର୍ଦ୍ଦେଶକ ଡକ୍ଟର ସଞ୍ଜୀବ କିଶୋର ଗୌତମଙ୍କ ଏକ ଅଭିନବ ପ୍ରୟାସ । ପ୍ରଗତିଶୀଳ କଳାକାର ଗୋଷ୍ଠୀର ସମସାମୟିକ କଳାକୃତି ଗୁଡ଼ିର ସଚେତନତା ବୃଦ୍ଧି ଏବଂ ଭାରତୀୟ କଳା ଇତିହାସ ପ୍ରତି ପ୍ରଶଂସା ବୃଦ୍ଧି କରିବା ପାଇଁ ପ୍ରଦର୍ଶିତ କରାଯିବ । 'ଉତ୍କଳିକା ଏକ ଆଧୁନିକ କଳା ପ୍ରଦର୍ଶନୀ' ୬ ଜାନୁଆରୀ, ୨୦୨୫ ରେ ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ଲଳିତ କଳା ଆଞ୍ଚଳିକ କେନ୍ଦ୍ରରେ ଉଦ୍ଘାଟନ ହୋଇଯାଇଛି ।ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ, ଶ୍ରୀମତୀ ପ୍ରଭାତୀ ପରିଡା ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ,ଆଇନ,ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱିରାଜ୍ ହରିଚନ୍ଦନ,ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ମାହାଙ୍ଗା ବିଧାୟକ ସାରଦା ପ୍ରସନ୍ନ ପ୍ରଧାନ,ଏକାମ୍ର ବିଧାୟକ ବାବୁ ସିଂ ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ତୁଳସୀ କୌଶିକ ପ୍ରମୁଖ ଯୋଗ ଦେଇ ପ୍ରଦର୍ଶନୀର ଭୂୟସୀ ପ୍ରଶଂସା କରିଥିଲେ ।

## ନୂଆପଡ଼ା ଖଡିଆଲ ଠାରେ ସଡ଼କ ସୁରକ୍ଷା ସଚେତନ ଶୋଭାଯାତ୍ରା

ଖଡ଼ିଆଲ : ନୂଆପଡ଼ା ଖଡିଆଲ ଠାରେ ସଡ଼କ ସୁରକ୍ଷା ମାସ ପାଳିତ, ସଚେତନ ଶୋଭାଯାତ୍ରା ଅନୁଷ୍ଠିତ, ହେଲମେଟ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଛନ୍ତି। ଖଡିଆଲ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆ ଠାରୁ ଏକ ସଚେତନ ଶୋଭାଯାତ୍ରା ଆରମ୍ଭ ହୋଇଥିବା ବେଳେ ଖଡିଆଲ ବ୍ଲକ୍ ଛକ ୩୫୩ ନମ୍ବର୍ ଜାତୀୟ ରାଜପଥ ରେ ବାଇକ୍ ଆରୋହୀ ହେଲମେଟ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଗୋଲାପ ଫୁଲ ହେଇ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ଏହି ଉପଲକ୍ଷେ ଏକ ସଚେତନ ରଥ କୁ ଶୁଭାରମ୍ଭ କରି ନିଜ ଜୀବନ ନିଜ ହାତରେ ବୋଲି ବାର୍ତ୍ତା ଦେଇଥିଲେ । ବିଶେଷ ରୂପେ ହେଲମେଟ ବ୍ୟବହାର, ନିଜ ନାବାଳକ ସନ୍ତାନଙ୍କୁ ବାଇକ୍ ଚାଳିବାକୁ ନ ଦେବା ସହ ମଦ୍ୟ ପାନ କରି ଗାଡ଼ି ନ ଚାଳିବା ସହ ସଡ଼କ ସୁରକ୍ଷା ନୀତି ନିୟମ ପାଳନ ପାଇଁ ଆହ୍ୱାନ କରିଥିଲେ । ଏହି ରେଲି ରେ ଖଡିଆଲ ବସ ମାଲିକ ସଂଘ ଯୋଗ ଦେଇଥିବା ବେଳେ ଖଡିଆଲ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ଏମ ଭି ଆଇ ଉପେନ୍ଦ୍ର ପୁସିକା, ପ୍ରଜ୍ଞା ପରିମିତ ବୋଲ, ସଂଜୀବ କୁମାର ପଣ୍ଡା ଦିଲୀପ ଦାସ ପରମା ସିଂ, ରଶ୍ମି ସାହୁ ସମେତ ଖଡିଆଲ ରାଜା ଏଟି ହାଇସ୍କୁଲ ଏବଂ ସରକାରୀ ବାଳିକା ସ୍କୁଲ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ ।




ଭୁବନେଶ୍ୱର, ୨୦୨୫, ଅପ୍ରେଲ ୨୫

# କାଶ୍ମୀରରେ ପୁଣି ଆତଙ୍କ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଜାମ୍ମୁ-କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଜଘନ୍ୟ ଆକ୍ରମଣ କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି ଓ ସ୍ୱାଭାବିକ ଅବସ୍ଥାକୁ ବିଶୃଙ୍ଖଳିତ କରିବା ପାଇଁ ଏକ ହୀନ ଉଦ୍ୟମ ବୋଲି କୁହାଯାଇପାରିବ। ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୮ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ୨୦ଜଣ ଗୁରୁତ୍ୱର ଭାବେ ଆହତ ହୋଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆତଙ୍କୀଙ୍କ ବର୍ବରତା ଏତେ ବିଭତ୍ସ, ଭୟଙ୍କର ଥିଲା ଯେ, ତାହା ଭାଷାରେ ପ୍ରକାଶ କରାଯାଇ ପାରିବ ନାହିଁ। ପତ୍ନୀ, ପୁଅ, ସମ୍ମୁଖରେ ଆତଙ୍କବାଦୀମାନେ ଅତି ନିକଟରୁ କେବଳ ପୁରୁଷ ଲୋକଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଜଣକ ପରେ ଜଣେ ୨୮ଜଣ ଘଟଣା ସ୍ଥଳରେ ହିଁ ଟଳି ପଡିଥିଲେ। ଯାହାକି ୯୦ଦଶକରେ ସଂଘଠିତ ହୋଇଥିବା ନୃଶଂସ ଆତଙ୍କବାଦୀ ଘଟଣାବଳୀକୁ ସ୍ମରଣ କରାଇ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ଥାନର ସେନାମୁଖ୍ୟ ଅସୀମ ମୁନିର ଗତ ସପ୍ତାହରେ କାଶ୍ମୀରକୁ ନେଇ ଅତି ଆକ୍ରମଣାତ୍ମକ ମନ୍ତବ୍ୟ ଦେବାର ସପ୍ତାହକ ପରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଲୋକହର୍ଷଣକାରୀ ଘଟଣା ଏକ ଯୋଜନାବଦ୍ଧ ଗଣହତ୍ୟା ଷଡଯନ୍ତ୍ର ବୋଲି ନିସନ୍ଦେହ କୁହାଯାଇପାରିବ। ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ଥାନ ଭିତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଭାରତ ଶାଖା ସଂଗଠନ ଦରେଜିଷ୍ଟାନସ ଫୋର୍ସ(ଟିଆରଏଫ) ନିଜକୁ ଦାୟୀ କରିଛି। ପାକିସ୍ଥାନର ସେନା ବାହିନୀ ଏବଂ ଗୋଇନ୍ଦା ବାହିନୀ ଆଇଏସଆଇର ଛତ୍ରଛାୟା ତଳେ ଲସ୍କର-ଇ-ତୋଇବା(ଏଲଇଟି) ରହିଥିବାବେଳେ ଏହି ଆକ୍ରମଣରେ ପାକିସ୍ଥାନର ସମ୍ପୃକ୍ତିକୁ ଅଗ୍ରାହ୍ୟ କରାଯାଇନପାରେ। କାଶ୍ମୀରରୁ ସମ୍ବିଧାନର ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ କେନ୍ଦ୍ରଶାସିତ ଅଂଚଳରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଏହି ଆତଙ୍କବାଦୀ ଆକ୍ରମଣ ପୁଣି ଥରେ ଭାରତର ଭୂସ୍ୱର୍ଗକୁ ଆତଙ୍କ ଓ ନୈରାଶ୍ୟର ଗାତ ମଧ୍ୟକୁ ଠେଲି ଦେଇଛି ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ ଗଣତାନ୍ତ୍ରୀକ ପ୍ରକ୍ରୀୟାରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଏହା ହେଉଛି ଆତଙ୍କବାଦୀଙ୍କ ସବୁଠାରୁ ବଡଧରଣର ଆକ୍ରମଣ। କେବଳ ଏତିକି ନୁହେଁ, ଏହା ହେଉଛି ଆତଙ୍କବାଦୀଙ୍କ ପର୍ଯ୍ୟଟକଙ୍କ ଉପରେ ଦ୍ୱିତୀୟ ଆକ୍ରମଣ। ଗତବର୍ଷ ଜୁନ୍ ମାସରେ ବୈଷ୍ଣୋଦେବୀଙ୍କ ନିକଟସ୍ଥ ରେଆସି ନିକଟତର ଆତଙ୍କବାଦୀଙ୍କ ଗୁଳିରେ ୯ଜଣ ତୀର୍ଥଯାତ୍ରୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଉଲ୍ଲେଖ କରାଯାଇପାରେ ଯେ, ପହଲଗାମ୍ ଜାମ୍ମୁ-କାଶ୍ମୀରର ସବୁଠାରୁ ଶୋଭନୀୟ ଏବଂ ଜଣାଶୁଣା ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ। ଭାରତର ଭୂସ୍ୱର୍ଗ ଭାବେ ପରିଚିତ କାଶ୍ମୀର, ଅର୍ଥନୀତିକୁ ସମୃଦ୍ଧ କରିଆସିଥିବାବେଳେ ସ୍ଥାନୀୟ ଲୋକଙ୍କ ରୋଜଗାରର ମୁଖ୍ୟ ଉତ୍ସ ଭାବେ ରହିଆସିଛି। କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥାର ପ୍ରତ୍ୟାବର୍ତନ ପରେ ପର୍ଯ୍ୟଟନ କ୍ଷେତ୍ର ଚଳଚଂଚଳ ହୋଇ ଉଠିଥିଲା। ଚଳିତ ବର୍ଷର ପ୍ରଥମ ତିନିମାସରେ କେନ୍ଦ୍ରଶାସିତ ଅଂଚଳକୁ ୫ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଆଗମନ ଘଟିଛି, ଯାହାକି ଗତ ତିନି ଦଶନ୍ଧି ମଧ୍ୟରେ ଏକ ରେକର୍ଡ ବୋଲି ସରକାରୀ ଭାବେ କୁହାଯାଇଛି। ଏବେ କାଶ୍ମୀରରେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାବେଳେ ପର୍ଯ୍ୟଟନ କ୍ଷେତ୍ରକୁ ଆତଙ୍କବାଦୀଙ୍କ ନିଶାଣ କ୍ଷତି ପହଁଚାଇବ, ଏହା ନିସନ୍ଦେହ। କେନ୍ଦ୍ରଶାସିତ ଅଂଚଳ କୋଟି କୋଟି ଟଙ୍କାର ଆୟ ହରାଇବାରେ ଆଶଙ୍କାକୁ ଏଡାଇ ଦିଆଯାଇପାରେ। ଏହା ନିସନ୍ଦେହ ଯେ, ପହଲଗାମ୍‌ରେ ଆକ୍ରମଣ ୯୦ଦଶକର ବର୍ବର ଆତଙ୍କବାଦର ଅନ୍ଧାର ଦିବସଗୁଡିକୁ ଫେରାଇ ଆଣିବା ଲାଗି ଏହା ଏକ ସୁଚିନ୍ତିତ ଉଦ୍ୟମ। ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡି.ଭାନ୍ସ ଭାରତ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ଘଟିଛି। ଅତୀତରେ ୨୦୦୦ ମସିହାରେ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଂଟନ ଭାରତ ଗସ୍ତ ସମୟରେ ଜାମ୍ମୁ-କାଶ୍ମୀରର ଶିଖ୍ ବହୁଳ ଅଂଚଳ ଭାବେ ପରିଚିତ ଛତିସିଂହପୁରା ଅଂଚଳରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ବହୁ ନିରୀହ ଲୋକ ନିହତ ହୋଇଥିଲେ। ଏହି ଆତଙ୍କବାଦୀ ଘଟଣାକୁ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନେ ନିନ୍ଦା କରିବା ସହ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ମିଳିତ ଲଢେଇ ଲାଗି ଆହ୍ୱାନ ଦେଇଛନ୍ତି। ଯାହାକି ଏକ ଶୁଭ ସଂକେତ। ଆତଙ୍କବାଦ ବିରୁଦ୍ଧରେ ମିଳିତ ଲଢେଇ ପାଇଁ ଭାରତ ୩ଦଶନ୍ଧୀ ଧରି ଆହ୍ୱାନ କରିଆସୁଛି। କହିବା ବାହୁଲ୍ୟ ଯେ, ଜାମ୍ମୁ-କାଶ୍ମୀରରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥା ପ୍ରତିଷ୍ଠା କ୍ଷେତ୍ରରେ ପାକିସ୍ଥାନ ହେଉଛି ସବୁଠାରୁ ବଡ ଶତ୍ରୁ। କାଶ୍ମୀରରେ ଅଶାନ୍ତି, ଅସ୍ଥିରତା, ଭୟ ଓ ନୈରାଶ୍ୟର ବାତାବରଣ ପାଇଁ ଆତଙ୍କବାଦ ଜରିଆରେ ଛାୟା ଯୁଦ୍ଧ ଜାରି ରଖିଛି। ୨୦୧୯ ଫୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ପୁଣି ଥରେ ଲାଲ ସୀମା ଟାଣି ଦେଇଛି। କାଶ୍ମୀରରେ ଶାନ୍ତି,ସ୍ଥିରତା ଓ ସ୍ୱାଭାବିକତା ବଜାୟ ରଖିବା ଲାଗି ଭାରତ ତ୍ୱରିତ ଓ ଯଥାର୍ଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶବ୍ୟାପୀ ଆଶା କରନ୍ତି। ଫୁଲଓ୍ୱାମା ଆକ୍ରମଣ ପରେ ଭାରତ ଯେଉଁଭଳି ଏୟାର ଷ୍ଟ୍ରାଇକ୍ କରି ପ୍ରତିଶୋଧ ନେଇଥିଲା, ଏବେ ତା'ର ପୁନରାବୃତିର ସମୟ ଆସିଛି। ଆମେ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରୁଛୁ। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*
*ମୋବାଇଲ ନଂ-*
*୭୯୭୮୬୬୬୪୦୩*

# ବୈଦିକ ପୂଜା, ଯଜ୍ଞ ଓ ନାମ କୀର୍ତ୍ତନ


କିଶୋର କୁମାର ଜେନା

ବର୍ତ୍ତମାନ ସମୟକୁ ଦେଖିଲେ ଲୋକମାନଙ୍କ ଭିତରେ ଆଧ୍ୟାତ୍ମିକତା କମି ଯାଉଥିବା ଓ ମାନବିକତା ମଧ୍ୟ ଅବକ୍ଷୟମୁଖୀ ବୋଲି କେହି କେହି କୁହନ୍ତି। ଏହି ଭୟାନକ ପରିସ୍ଥିତିରୁ ନିଜକୁ କିପରି ସେ ରକ୍ଷା କରିପାରିବ ତାହା ହେଉଛି ତା ପାଇଁ ମୁଖ୍ୟ ପ୍ରଶ୍ନ। ଏହି ପରିସ୍ଥିତିରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ମୂକ ଭାବେ ଅନ୍ୟମାନଙ୍କୁ ଅନୁସରଣ କରି ସେମାନଙ୍କ ପଛରେ ନଯାଇ କିମ୍ବା ପଛକୁ ଫେରି ନ ଚାହିଁ ଯେଉଁଠି ଅଛ ସେଠାରେ ଠିଆ ହୋଇ ଚାରିଆଡ଼କୁ ନିରୀକ୍ଷଣ କରି ଦେଖିବ ଉଚିତ ମାର୍ଗରେ ଯିବା ପାଇଁ କେଉଁଟା ହେଉଛି ସଠିକ ମାର୍ଗ। ଏହା ଜାଣିବା ପରେ ନିଜର ଗନ୍ତବ୍ୟ ଆରମ୍ଭ କର। ବୈଦିକ ମାର୍ଗରେ ଯିବା ପାଇଁ ବେଦ ଅଧ୍ୟୟନ କରିବାକୁ ପଡ଼ିବ। କାରଣ ବୈଦିକ ମାର୍ଗ ହିଁ ଆମକୁ ପ୍ରକୃତ ଶାନ୍ତି ପ୍ରଦାନ କରିବ। କାରଣ ବେଦ ହେଉଛି ଈଶ୍ୱରଙ୍କ ମୁଖ ନିଃସୃତ ବାଣୀ। ପରଂବ୍ରହ୍ମଙ୍କ ସହିତ ମିଳନ ହେବା ନିମନ୍ତେ ଏହା ହେଉଛି ସିଧା ମାର୍ଗ। ଏହି ମାର୍ଗରେ ପ୍ରତିବନ୍ଧକ ନାହିଁ। ଯେଉଁ ଲକ୍ଷ୍ୟ ହାସଲ ନିମନ୍ତେ ମଣିଷ ଜନ୍ମ ହୋଇଛି ତାହାର ପ୍ରାପ୍ତି ନିମନ୍ତେ ବୈଦିକ ମାର୍ଗ ହେଉଛି ଏକମାତ୍ର ମାର୍ଗ।

ତେବେ ଏହି ମାର୍ଗରେ ଯାହା କରିବା ପୂର୍ବରୁ ଆମକୁ ଏହା ମଧ୍ୟ ଜାଣିବାକୁ ହେବ ଯେ ଆଧୁନିକ ବୈଷୟିକ ଜ୍ଞାନ କୌଶଳର ବିକାଶ କରି ଚନ୍ଦ୍ର ସମେତ ଅନ୍ୟାନ୍ୟ ଗ୍ରହକୁ ଯାତ୍ରା କରିବା ପ୍ରକ୍ରିୟାରେ ପରିବେଶର କେତେ କ୍ଷତି ହୋଇଛି। ଏହି ବିକାଶ ଯୋଗୁ ଧରିତ୍ରୀ ମାର ପାଣି, ପବନ ଏବଂ ମୃତ୍ତିକାର ପ୍ରଭୂତ କ୍ଷତି ହୋଇଛି। ଯାହାର ଭରଣା ସମ୍ଭବ ନୁହେଁ। ନିଜର ଜ୍ଞାନକୌଶଳ ବିକାଶ କ୍ରୀଡ଼ାରେ ମଣିଷ ଏତେ ଉନ୍ମତ୍ତ ହୋଇଗଲା ଯେ ଏହାଫଳରେ ତାହାର ଚାରି ପାଖରେ ଥିବା ଭୌତିକ, ନୈତିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁ କ୍ଷତି ହେଲା ତାହାର କଳନା କଲାନାହିଁ ଏବଂ ଏହି କ୍ଷତିକୁ ହେୟଜ୍ଞାନ କଲା। ଏହି ବିକାଶ ଫଳରେ ପରିବେଶର ଯେଉଁ କ୍ଷତି ହୋଇଛି ତାହାର ବର୍ଣ୍ଣନା କରିବାକୁ ଅନେକ ସମୟ ଏବଂ ସ୍ଥାନ ନେବ। କେବଳ ଏତିକି ଜାଣିରଖିବା ଉଚିତ ଯେ ଏହି ବିକାଶ ଫଳରେ ଅମ୍ଳଜାନର ପରିମାଣ ବାୟୁମଣ୍ଡଳରେ ହ୍ରାସ ପାଇଚାଲିଛି। ଏହି ଅମ୍ଳଜାନ ହେଉଛି ପ୍ରାଣବାୟୁ। ପ୍ରାଣବାୟୁର ସ୍ଥାନ ପୂରଣ କରୁଛି ଅଙ୍ଗାରକାମ୍ଳ, ଯାହା କି ଶରୀର ନିମନ୍ତେ ଅତ୍ୟନ୍ତ କ୍ଷତିକାରକ। ପୃଥିବୀ ଉପରେ ଅଙ୍ଗାରକାମ୍ଳ ଯାନର ଏକ ଚାଦର ସୃଷ୍ଟି ହୋଇଗଲାଣି ବୋଲି ପରିବେଶବିତମାନେ କହୁଛନ୍ତି। ଏହାକୁ ରୋକାନଗଲେ ସମଗ୍ର ପୃଥିବୀ ଉପରେ ଅଙ୍ଗାରକାମ୍ଳର ଏକ ଚଦର ପଡ଼ିଯିବ ଏବଂ ଜୀବଜଗତ ଲୋପ ପାଇଯିବ। ଏହିପରି ଯେଉଁ ଭୟଙ୍କର ପରିସ୍ଥିତି ମାଡ଼ି ଆସୁଛି ତାହାର କବଳରୁ ପୃଥିବୀକୁ ରକ୍ଷା କରିବା ପାଇଁ ବୈଜ୍ଞାନିକମାନେ ଉଦ୍ୟମ ଆରମ୍ଭ କରିଛନ୍ତି।

ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ସମସ୍ତେ ଜାଣନ୍ତି ଏବଂ ସ୍ୱୀକାର କରନ୍ତି। ସବୁ ଜାତି, ଧର୍ମ, ବର୍ଣ୍ଣର ଲୋକମାନେ ସୂର୍ଯ୍ୟର ଉତ୍ତାପ ପାଆନ୍ତି ଏବଂ ଆଲୋକକୁ ସ୍ୱାଗତ କରନ୍ତି। ସେହି ଚନ୍ଦ୍ରର ଶୀତଳ କିରଣ ମଧ୍ୟ ସମସ୍ତଙ୍କୁ ମୁଗ୍ଧ କରିଥାଏ। ଚନ୍ଦ୍ର ଏବଂ ସୂର୍ଯ୍ୟ ଯେପରି ସାର୍ବଜନୀନ ଠିକ ସେହିପରି ଅଗ୍ନି ମଧ୍ୟ ସମସ୍ତଙ୍କର। ସକାଳୁ ସଞ୍ଜ ଯାଏ ସମସ୍ତଙ୍କର କାମରେ ଅଗ୍ନି ଆସନ୍ତି। ଦୈନନ୍ଦିନ ଜୀବନରେ ଅଗ୍ନିଙ୍କୁ ବାଦ ଦେଇ ଜୀବନ ଧାରଣ ସମ୍ଭବ ନୁହେଁ। ଅଗ୍ନିଦେବଙ୍କ ମାଧ୍ୟମରେ ଆମେ ସବୁ ଦେବ ଦେବତାମାନଙ୍କୁ ଆରାଧନା କରିଥାଉ। ଅଗ୍ନି ହେଉଛନ୍ତି ଆମର ହାତ ପାହାନ୍ତାରେ ଥିବା ଦେବତା। ବୈଦିକ ଯୁଗରେ ଯଜ୍ଞ ଦ୍ୱାରା ଅଗ୍ନିଙ୍କର ପୂଜା ହେଉଥିଲା। ସଂପ୍ରତି ପୃଥିବୀରେ ଆଧ୍ୟାତ୍ମିକ ମୂଲ୍ୟବୋଧର ଆବଶ୍ୟକତା ଘେନି ଏକ ନୂତନ ଚେତନାର ଅଭ୍ୟୁଦୟ ଘଟିଛି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ପୃଥିବୀର ବାୟୁମଣ୍ଡଳରେ ପରିବର୍ତ୍ତନ ଆବଶ୍ୟକ। ପବିତ୍ର ଭଜନ ଏବଂ ଈଶ୍ୱରଙ୍କ ନାମ ଜପ ଦ୍ୱାରା ପରିବେଶରେ ପରିବର୍ତ୍ତନ ଅଣାଯାଇପାରିବ। ସଂହତି ହେଉଛି ଏକ ଅଣୁଶକ୍ତି। ଏହାଦ୍ୱାରା ପ୍ରତ୍ୟେକ ଦୁଷ୍ଟ ଆତ୍ମାମାନଙ୍କୁ ଦୂରେଇ ରଖାଯାଇପାରିବ। ବୈଦିକ ଯୁଗରେ ଆଶ୍ରମ ଗୁଡ଼ିକ ଆଧ୍ୟାତ୍ମିକ ଶକ୍ତିର ଉତ୍ପାଦନ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲେ। କାରଣ ମଣିଷ ସମାଜ କେବଳ ଆଧ୍ୟାତ୍ମିକ ବିଜ୍ଞାରନ ଅର୍ଜନ ଦ୍ୱାରା ଚିର ଆନନ୍ଦ ଲାଭ କରିପାରିବ। ଆଉସବୁ ମଣିଷକୁ ବନ୍ଧନ ମଧ୍ୟରେ ପକାଇବାକୁ ଉଦ୍ଦିଷ୍ଟ ଏବଂ ଦୁଷ୍ଟ ଶକ୍ତିମାନେ ଏହାକୁ ବିଭିନ୍ନ ଭାବେ ବ୍ୟକ୍ତି ସମ୍ମୁଖରେ ଉପସ୍ଥାପିତ କରି ଥାଆନ୍ତି। ସଠିକ ଭାବେ ଯଜ୍ଞ କରିବା ଫଳରେ ଯେଉଁ ଶାନ୍ତି ମିଳେ ତାହା ବ୍ୟକ୍ତିକୁ ଆଧ୍ୟାତ୍ମିକ ମାର୍ଗରେ ନେଇଯାଏ ଏହାଦ୍ୱାରା ତାଙ୍କର ହୃଦୟ ନିର୍ମଳ ହୁଏ ଏବଂ ସେ ଈଶ୍ୱରଙ୍କ ଦର୍ଶନ କରନ୍ତି।

*ଆଇନଜୀବୀ, ବଙ୍ଗାଳିସାହି,*
*କଟକ,*
*ଦୂରଭାଷ : ୭୩୨୫୯୦୪୯୨୭*

# ଭ୍ରଷ୍ଟାଚାର


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହି ଶବ୍ଦଟି ଅନେକ କ୍ଷେତ୍ରରେ ଲାଗିପାରେ। ଗ୍ରହଟି କକ୍ଷଚ୍ୟୁତ ହେଲେ ତାର ପାଇଁ ଧାର୍ଯ୍ୟ ଗତିର ସମୟ ସୀମା ତାର ଅନୁକୂଳ ଫଳ ପ୍ରତିକୂଳ ଫଳ ଯାହା ନିୟମାକ ମାନେ ଧାର୍ଯ୍ୟ ରଖିଛନ୍ତି ତାହା ଗଣ୍ଡଗୋଳ ହୋଇଥାଏ। ସେ ପରି ଭ୍ରଷ୍ଟାଚାରୀକୁ କୌଣସି ପ୍ରକୃତର ନିୟମରେ ରହିବାରେ ଚଳିବା ଦେଖାଯାଏ ନାହିଁ। ଅଭାବରୁ ସ୍ୱଭାବ ନଷ୍ଟ। ଅଭାବ କାହିଁକି ହୁଏ ? ଗୃହୀଜନରେ ଥିଲାବାଲା ଅଛନ୍ତି ନଥିଲାବାଲା ଅଛନ୍ତି। ନଥିଲାବାଲା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଚାଲୁଥିଲେ କଷ୍ଟରେ ନିଜର ଜୀବନ ନିର୍ବାହ କରୁଥିବେ। ଖାଦ୍ୟ ମୁଠିକ ପାଇଁ କୁଟୁମ୍ବ ଚଳାଇବା ପାଇଁ ଅତି ପରିଶ୍ରମ କରୁଥିବେ। ମାତ୍ର ସେମାନେ ଏହି ପର୍ଯ୍ୟାୟରୁ ମୁକ୍ତି ପାଇଁ ଯଦି ଚୋରୀ ତସ୍କରୀ ନଷ୍ଟ ଚରିତ୍ର ହୁଅନ୍ତି ତେବେ ଭ୍ରଷ୍ଟ ହୋଇ ଥିଲାବାଲା ହୋଇପାରନ୍ତି ମାତ୍ର ସାମାଜିକ ବାଛନ୍ଦରେ ଧରାପଡ଼ି ହୋଇଥାନ୍ତି ଏହାପରେ ଦୁଃଖ ଆହୁରି ବଢ଼େ। ଥିଲାବାଲା ଆହୁରି ଦ୍ରୁତ ଅର୍ଜନ ପାଇଁ ଅନ୍ୟାୟ ପଥ ଧରି ପାରନ୍ତି। ବାଣିଜ୍ୟ କରୁଥିଲେ ଯେଉଁ ବିଶ୍ୱାସ ସେ ପ୍ରଥମେ ଅର୍ଜନ କରିଥାନ୍ତି ତାହା ବଣିକ ଦ୍ରବ୍ୟରେ ମିଶ୍ରଣ କରି ରାତି ରାତି ବଡ଼ଲୋକର ସ୍ୱପ୍ନ ତାଙ୍କୁ ଭ୍ରଷ୍ଟ କରାଏ। ଓଜନରେ କାମ ଦେଇ ଦ୍ରବ୍ୟର ମୂଲ୍ୟ ଚଢ଼ା ନେଲେ ସେ ଭ୍ରଷ୍ଟ ହୋଇଥାନ୍ତି। ଅନେକ ଥିଲାବାଲା ଉଚିତ ମାର୍ଗରେ ଚଳୁଥିଲେ ବି କରଜ ଧାର ଲୋଭରେ ପଡ଼ି ଅଧିକ ଅର୍ଜନ ଚିନ୍ତାରେ ଯାଇ ନିଜର ଋଣଶୋଧ ଚିନ୍ତା ନକରି ଋଣ ଟଙ୍କାରେ ଅୟସ କରି ଲୋକଙ୍କୁ ଦେଖାଇ ହେବା ସ୍ତରକୁ ଆସିଥାନ୍ତି। ଋଣ ଅନାଦେୟରେ କେବେ ଘର ନିଲାମ, ଜମି ନିଲାମ ଗାଡ଼ି ଟଣା ହେଲାଣି ବାଣିଜ୍ୟ କାରଖାନା ନିଲାମ ହେଲେ ସେ ହେବେ ଭ୍ରାଷ୍ଟ। ଧନ ଅଛି ଦେଖାଇ ହୋଇ ବନ୍ଧୁଙ୍କୁ ନଚିହ୍ନି ଧାର ଦେଇ ତାଙ୍କୁ ଆଦାୟକ କରିବା ଦୁରୂହ ହେଲେ ସମ୍ପର୍କଚିନ୍ତ। ଥାନା କୋର୍ଟ ଗୁଣ୍ଡାପାର୍ଟି ଷଣ୍ଢ ଖର୍ଚ୍ଚ ପାଇଁ ଧାବିତ ହେଲେ ଭ୍ରଷ୍ଟା ହେବାକୁ ହୁଏ। ଦରିଦ୍ର ଦିଗ ଖୋଲିଯାଏ। ଶସ୍ତାଲୋକ ପ୍ରିୟତା ପାଇଁ ପଣ୍ୟ ଦ୍ରବ୍ୟ ବିକ୍ରେତା ହୋଇ ବାକି ଦେଲେ ଦିନେ ଭ୍ରଷ୍ଟ ହେବାକୁ ମହାଜନଙ୍କ ପାଖରେ ବ୍ୟାଙ୍କର ପାଖରେ ହେବାକୁ ହୁଏ। ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି। ତରିବାକୁ ଏହି ସଂସାର ବାରିଧି। ଧର୍ମ କହିଲେ ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ ଧର୍ମ କେବଳ ନୁହେଁ, ପ୍ରକୃତରେ ସବୁସ୍ତରରେ ସବୁ ବୟସରେ ସବୁ ଆଚରଣରେ ସବୁ ମୌଳିକରେ ସବୁ ଯୌଗିକରେ ଧର୍ମ ଅଛି। ଶିଶୁ ଅବୋଧ ଏହାକୁ ବାପମାଆ ଗୁରୁଜନ ବହୁ କ୍ଷେତ୍ରରେ କ୍ଷମା କରନ୍ତି। ଏଠାରେ କ୍ଷମା ଧର୍ମ ଶିଶୁପାଇଁ ଯାହା ଲାଗୁଛି ଜଣେ ବୟସ୍କ ଲୋକର ଗୁରୁତର ଭୁଲ ପାଇଁ ତାଙ୍କୁ କେହି କ୍ଷମା କରନ୍ତି ନାହିଁ। ଏଠାରେ ଭୁଲକାମ ଯେ କରିଛି ସେ ଭ୍ରଷ୍ଟ ଓ ତାଙ୍କୁ ଯେ କ୍ଷମା କରୁଛି ସେ ବି ଭ୍ରଷ୍ଟ। ମାତ୍ର ସୁଧାର ପାଇଁ ପ୍ରାୟଶ୍ଚିତ ଯେ କରିପାରୁଛି କରାଇ ପାରୁଛି ସେ ଭ୍ରଷ୍ଟ ହୋଇନପାରେ। ସେ ପୁନଃ ଜୀବନ ଧାରାରେ ପ୍ରବେଶ କରିପାରନ୍ତି।

ମାଇପଙ୍କ ଆଗରେ ପାଇକ ପଣିଆଁ ଅନେକ ଦେଖାନ୍ତି। ଦୁଇ ମଲ୍ଲଙ୍କ କୁସ୍ତି ଦେଖନ୍ତୁ ଏଥିରେ ଜଣେ ଜିତେ ଜଣେ ହାରେ। ଏଠାରେ ମଲ୍ଲଙ୍କର ପାଇକ ପଣ ଜଣାପଡ଼େ ମାତ୍ର ଜଣେ ମଲ୍ଲ ଦୁର୍ବଳ ଲୋକଙ୍କ ଉପରେ ପାଇକପଣ ଦେଖାଇଲେ କଣ ତାଙ୍କୁ ମଲ୍ଲବୀର କୁହାଯିବ କି ? ଗୁଣ୍ଡାଗିରି ଏପରି ଧନ୍ଦା, ନିରୀହ ଲୋକ ଉପରେ ଅତ୍ୟାଚାର। କାନୁନ ଅଛି ଅଦାଲତ ଅଛି ଥାନା ଅଛି ଏ ସବୁ ବାଦ ଗୁଣ୍ଡାଗିରିରେ ଲୋକଙ୍କୁ ତାପିତ କରି କିଛି କାର୍ଯ୍ୟ ହାସଲ ଏବେ କରାଯାଉଛି। ଏସବୁ ଭ୍ରଷ୍ଟବୃତ୍ତି ଏମାନଙ୍କୁ ନମସ୍କାର ପ୍ରକୃତରେ ନିଚପ୍ରୀତିର ନମସ୍କାର। ରାଜନୀତିରେ ଭ୍ରଷ୍ଟାଚାର ଏବେ ପୁରି ରହିଲାଣି। ସମ୍ବିଧାନର ଧାରାରେ କୌଣସି କାର୍ଯ୍ୟ ଓଲଟ ଭାବରେ ସାଧିତ କରିବାକୁ ଏବେ ଭ୍ରଷ୍ଟପଥ ଅବଲମ୍ବନ କରାଯାଉଛି। ସାର୍ବଜନୀନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟାୟକୁ ମୁଷ୍ଟିମେୟ କେମିତି ହାସଲ କରିବେ ଏ ବୁଦ୍ଧି ଏବେ ରାଜନୀତିରେ ଆସି ପଶିଗଲାଣି ବ୍ୟାଙ୍କ ଜାତୀୟ କରଣରୁ ପୁଣି ପ୍ରାଇଭେଟ ସ୍ତର ଆସିବା ମୂଳରେ ଏପରି ମୁଷ୍ଟିମେୟ ତୋଷ ନିତି ରହିଛି।

ଚାକିରୀ ପାଇଁ ପ୍ରତିଯୋଗିତା ପରୀକ୍ଷା ରହିଛି। ମାତ୍ର ଏଥିରେ କୋଟା ଲଗାଯାଇଛି। ଜିତିଲେ ବି ଚାକିରୀ ହୋଇନପାରେ। ପ୍ରତି ଚାକିରୀ ପଥକୁ ବହୁ ତୀର୍ଯ୍ୟକ କରାଯାଇଛି। ସ୍ୱାସ୍ଥ୍ୟ, ବୟସ, ବିଦ୍ୟାର ସ୍ତର, ଜାତି ଭଳି ଦିଗର ଗୁଡ଼ିକ ଦଲେ ଚାକିରୀ ମିଳିପାରିବା ସ୍ତରକୁ ଆସିପାରେ ପୁଣି ଏହାମଧ୍ୟରେ ଅନ୍ୟାୟ ପଥ ଡାକ୍ତରୀ ମାୟନାରେ ଲଗାଯାଇ ବାତିଲ କରାଯାଇପାରେ। ବୟସ ଦୃଷ୍ଟେ ବି ବାଧା ଉଠିପାରେ, ବିଦ୍ୟାରେ କ୍ୟାରିଅର ଦେଖି ପ୍ରତିବନ୍ଧକ କରାଯାଇପାରେ। ଉଚ୍ଚତାରେ ଶଣୀରର ଦକ୍ଷତାରେ ଚାକିରୀ କଟିପାରେ। ଜାତି କଥା ଉଠିଲେ ଏବି କୋଟାରେ କଟୁଛି। ଜାତି ସାର୍ଟିଫିକେଟ ପାଇଁ ସରକାରୀ ଦପ୍ତରକୁ ଦୌଡ଼ି ଦୌଡ଼ି ଥକତ କରାଯାଉଛି। ଏମିତି ଚାକିରୀ ପାଇଁ ଲୋକ ଜାଲିଆତି ସ୍ତରରେ ବି ଆସୁଛନ୍ତି ଲାଞ୍ଚ ଦେଇଛନ୍ତି। ଭୁଲକଥାରେ ପଶୁଛନ୍ତି ଏସବୁ ଭ୍ରଷ୍ଟାପଥ। ଏହି ପଥଚାରୀ ପରେ ଲାଞ୍ଚ ଦେଇଛନ୍ତି ବୋଲି ଲାଞ୍ଚ ଖାଇବେ ଏଇ ମାର୍ଗରେ ରହୁଛନ୍ତି ଏହା ବି ଜଟିଳ ଭ୍ରଷ୍ଟପଥ। ରାଜନୀତିରେ ହାଇକମାଣ୍ଡ ନିଶ୍ଚେ ଅଛନ୍ତି ଏହା ପ୍ରକୃତରେ ଦଳପତି। ଦଳପତିଙ୍କ ରାୟ ନିୟମକୁ ନମାନି ଅନେକ ଦଳକୁ ଯାଇ କିଛି ଫାଇଦା ପାଉଛନ୍ତି। ପ୍ରକୃତରେ ଏହା ଠିକ ପଥ ନୁହେଁ। ଆଜି ଭାରତ ବର୍ଷରେ ଅନେକ ରାଜନୈତିକ ଦଳ କିନ୍ତୁ ଭାରତ ସ୍ୱାଧୀନତା ବେଳେ ଏକ ଦଳ ହିଁ ପ୍ରାଧାନ୍ୟ ରହିଥିଲା ସେହି ଏକ ଦଳ ଆଜି ବହୁଦଳରେ ପରିବର୍ତ୍ତନ ଏଇ ହାଇକମାଣ୍ଡଙ୍କ କଥା ନମାନି ହୋଇଛି। ପ୍ରକୃତରେ ସ୍ୱାର୍ଥ ପାଇଁ ଭ୍ରଷ୍ଟପଥ। କରଛଡ଼ା ନେତାମାନେ ଅବହେଳିତ ମନେ କରି ବୃତ୍ତି ବଞ୍ଚାଇବାକୁ ସ୍ୱାଧୀନ କିଛି କରିବା ଚେଷ୍ଟାରେ ଯିବା କଷ୍ଟ ଯୋଗୁ ଅନ୍ୟଦଳକୁ ଆଉଜି ଯାଉଛନ୍ତି। ଏଠାରେ ଯେ ତାଙ୍କୁ ଛାଡୁଛନ୍ତି ସେମାନେ ବି ଭ୍ରଷ୍ଟାପଥରେ ଅର୍ଥାତ୍ ଯୋଗ୍ୟତା ବିଚାର ତାଙ୍କର ଠିକ ହେଉନାହିଁ। ହାଇକମାଣ୍ଡଙ୍କ ମନ ମାନି ବି ଭ୍ରଷ୍ଟପଥ। ସାତକଥାରେ ସତୀ ଭୁଲେ। ଯେଉଁ ନାରୀ କୌଣସି ସୀମାରେ ରହିବା ମନସ୍ଥ ନୁହଁନ୍ତି ସେ ଭ୍ରଷ୍ଟ ହୁଅନ୍ତି। ଏକ ପତିବ୍ରତ ପାଇଁ ତାଙ୍କର ମନ ରହିନଥାଏ। ଅଭାବ ସୃଷ୍ଟିକଲେ ଅନ୍ୟତ୍ର ଅନ୍ୟ ଦ୍ୱାରା ଭାବ ହୋଇଯିବ ଏ ମାନସ ହିଁ ଭ୍ରଷ୍ଟ ପଥ। ଯେଉଁ ନାରୀମାନେ ସତ୍ୟପଥରେ ରହି ବଡ଼ ପଦବୀରେ ଅଛନ୍ତି ପ୍ରକୃତରେ ସେମାନେ ଲୋକମାତା ସେମାନେ ଲକ୍ଷ୍ମୀ ପାର୍ବତୀ ସରସ୍ୱତୀଙ୍କ ପରି ସମ୍ମାନନୀୟା। ମାତ୍ର ଭ୍ରଷ୍ଟ ପଥରେ ଯାଇ ଯେଉଁମାନେ ବଡ଼ ହୋଇଛନ୍ତି ମୋନେ ଯେତେ ଚନ୍ଦନ ଲିପିଲେ ବି ତାଙ୍କର କାରନାମାର ପାଶ୍ଚାତରେ ମୃଦୁ ଗୁଞ୍ଜନ ଉଠିଥାଏ।

ଜଣେ ନାରୀର ଭ୍ରଷ୍ଟ ପଥ ଆଶୁ ହୋଇପାରେ ଏ ପାଇଁ ମୂଳରୁ ନିୟନ୍ତ୍ରିତ ଜୀବନ ଧାରାରେ ଚାଲୁ ରଖିବା ଦରକାର। ସଂସାରରେ ସବୁ ନାରୀ କେବେ ସମାନ ହୋଇନପାରନ୍ତି। ଏପରି ଦାବୀ କରିବା ବି ଅଯୋକ୍ତିକ। କେତେକ ଦ୍ରବ୍ୟ ଅଛି ତାର ପ୍ୟାକେଟରେ ଲେବୁଲରେ ଏକ୍ସପ୍ୟାରୀ ତାରିଖ ଲେଖାଅଛି। ଏହି ଲେଖା ଦର୍ଶାଏ ସେ ଦ୍ରବ୍ୟ ସେହି ତାରିଖ ଯାଏ କାର୍ଯ୍ୟକାରୀ। ତାପରେ ଭ୍ରଷ୍ଟ। ମୂଳ ବୋତଲ ବା ପ୍ୟାକେଟର ଲେବଲ ଚିରି ତହିଁରେ ନୂତନ ଲେବଲ ମାରି କେହି ଏହାକୁ ବିକ୍ରୟ କଲେ କିଏ ଏହାକୁ ଦେଖୁଛି। ଭ୍ରଷ୍ଟ ଦ୍ରବ୍ୟକୁ ବିକ୍ରେତା ଏବେ ଅନେକ କ୍ରେତା ନିରୁପାୟ ଭ୍ରଷ୍ଟ ଚିନ୍ତାଧାରାରୁ ଆୟ ଏହା ବଢ଼ିବାରେ ଲାଗିଛି। ଗ୍ରାମର କଷ୍ଟ ଘଣାର ସୋରିଷ ତେଲ ଯେ ଖାଇଥିବେ ବର୍ତ୍ତମାନର ସୋରିଷ ତେଲ ଖାଇଲେ ବୁଝିପାରିବେ। ବର୍ତ୍ତମାନ ନାମ ବିକ୍ରୀ ଦ୍ରବ୍ୟ ବିକ୍ରୀ ନୁହଁ। ଏମିତି ଦୁଗ୍ଧ, ଦହି, ଘିଅ, ମହୁ କେହି ଠିକ ନୁହଁ। ସୂତାଲୁଗା ବି ମିଳାବଟ ଏପରି ଭ୍ରଷ୍ଟବେଳୀ ଆହୁରି ଆଗକୁ ବଢୁଛି। ଏପରି ଭ୍ରଷ୍ଟାଚାର କେମିତି ଶାନ୍ତ ହେବ ସମସ୍ତେ ଭାବନ୍ତୁ। କେବଳ ଅବତାର ପୁରୁଷ ଏହାକୁ ଆସି ଠିକଣା କରିପାରନ୍ତି କୌଣସି ସାଧାରଣ ପ୍ରଶାସନ ବା ବ୍ୟକ୍ତି ଏହା ଆଉ କରାଇ ପାରିବେ ନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ମହାପ୍ରୟାଣର ତାତ୍ପର୍ଯ୍ୟ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭଗବାନ ବାରମ୍ବାର ଏହି ମାଟିରେ ମାନବ ଶରୀର ଧରି ଜନ୍ମ ଗ୍ରହଣ କରୁଥିବାରୁ ଏ ଭାରତ ଭୂମି ସୌଭାଗ୍ୟବତୀ ଏବଂ କୃପାଧନ୍ୟ ହୋଇଛି। ଭଗବାନ ତାଙ୍କର ଦିବ୍ୟ ପ୍ରତିଶ୍ରୁତି ଅନୁସାରେ ପ୍ରତି ଯୁଗରେ ଆବଶ୍ୟକତା ଅନୁସାରେ ସ୍ୱୟଂ ଆର୍ବିଭାବ ହୁଅନ୍ତି, ହେଉଛନ୍ତି ମଧ୍ୟ। ମଣିଷ ନିଜ ଅଜ୍ଞତା ଯୋଗୁଁ, ଅହଂକାର ଓ ମମକାର ଯୋଗୁଁ ଧର୍ମ ନୀତିରୁ ଓହରି ଯାଇ ନିଜ ଇଚ୍ଛା ମୁତାବକ ଜୀବନ ଯାପନ କରିବାକୁ ଲାଗେ। ସେଥିରୁ କିଛିଟା ଆନନ୍ଦ ଓ କିଛି ଦିନ ପାଇଁ ଆନନ୍ଦ ଲାଭ କରେ। ତାହା କିନ୍ତୁ ସବୁଦିନିଆ କଥା ହୋଇ ରହେନାହିଁ। ମଣିଷକୁ ଗୋଟେ ଭଲ ଗୁଣ ଦିଆଯାଇଛି ସେ ସବୁ ଦିନିଆ ଆନନ୍ଦ ପାଇବାକୁ ଇଚ୍ଛା କରେ ଓ ସେଥିପାଇଁ ପ୍ରୟାସ କରେ। କିନ୍ତୁ ମାର୍ଗଦର୍ଶକ ଭାବେ ଜଣକୁ ସହଜରେ ପାଇପାରେ ନାହିଁ। କୋଟି କୋଟି ମାନବଙ୍କ ବ୍ୟାକୁଳ ପ୍ରାର୍ଥନାର ଉତ୍ତର ଦେଇ ମାନବ ଠାରେ ଶାନ୍ତି ଓ ଆନନ୍ଦ ଦେବା ଉଦ୍ଦେଶ୍ୟରେ ଓହ୍ଲାଇ ଆସନ୍ତି ଈଶ୍ୱର ସ୍ୱୟଂ କେତେବେଳେ ଈଶ୍ୱରକୋଟି ପୁରୁଷମାନେ ମଧ୍ୟ। କି ପରମ ଅଲୌକିକ ଶକ୍ତି ସେ ? ଯେତେ ଲୋକ ତାଙ୍କର ସେତେ ସମସ୍ୟା। ସେ ସବୁକୁ ଅତି ସହଜରେ ସମାଧାନର ପନ୍ଥା ପ୍ରଦର୍ଶନ କରି ଲୋକ ହୃଦୟରେ ପୂଜ୍ୟାସନ ଲାଭ କରିନିଅନ୍ତି। ଲୋକେ ନିଜ ସମସ୍ୟାର ସମାଧାନ ପନ୍ଥା ଲାଭ କରିବା ସହିତ ଅନ୍ୟମାନେ କିଭଳି ଉପକୃତ ହୋଇଛନ୍ତି ତାହା ମଧ୍ୟ ଜାଣିବାକୁ ପାଆନ୍ତି। ବିଦ୍ୟୁତ ବେଗରେ ମହିମା ମଣ୍ଡିତ ହୋଇଯାଆନ୍ତି ସେ ଓ ଅବତାର ଆଖ୍ୟା ଲାଭ କରନ୍ତି। ଏହା ମାଧ୍ୟମରେ ଭଗବାନ କ'ଣ, କେମିତି, କି ଶକ୍ତିର ଅଧିକାରୀ ଲୋକଙ୍କର କିଛିଟା ଅନୁଭୂତି ହୁଏ। ତଥାପି ମଣିଷର ଜନ୍ମ ଜନ୍ମର ଅଭ୍ୟାସର ପ୍ରଭାବ ଅବତାରଙ୍କ ଆର୍ବିଭାବ ଓ ଅଲୌକିକ ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଯାଏନାହିଁ। ଏଠାରେ ଭଗବାନ ଏକ ଚମତ୍କାର ପ୍ରଦର୍ଶନ କରାନ୍ତି। ନିଜେ ନିଜର ଦୃଶମାନ ରୂପକୁ ଲୁଚାଇ ଦେଇ ତାଙ୍କ ପ୍ରତି ମାନବ ହୃଦୟକୁ ବ୍ୟାକୁଳ କରାନ୍ତି। ନିଜେ ନିଜ ବାବଦରେ ସୃଷ୍ଟି କରିଥିବା ଘଟଣାମାନ ଲୋକ ମାନସରେ ବାରମ୍ବାର ପ୍ରତିଫଳିତ ଓ ପ୍ରତିଧ୍ୱନୀତ କରି ତାର ଅନ୍ତରରେ ତାଙ୍କ ବିଚ୍ଛେଦ ଜନିତ ବେଦନା ସୃଷ୍ଟି କରାନ୍ତି। ତାହା ମଧ୍ୟ ଏକ ପ୍ରକାର ଭକ୍ତି, ଯେଉଁ ଭକ୍ତି ଫଳରେ ଭଗବାନ ନିର୍ଦ୍ଦିଷ୍ଟ ଭକ୍ତ ଆଗରେ ଦୃଶ୍ୟମାନ ହୁଅନ୍ତି। ଯେଉଁମାନେ ଅବତାରଙ୍କ ଦୃଶ୍ୟମାନ ମାନବୀୟ ଲୀଳା ସନ୍ଦର୍ଶନ କରିଥାନ୍ତି ସେମାନେ ତ ଭାଗ୍ୟବନ୍ତ ବ୍ୟକ୍ତି, ଯେଉଁମାନେ ଅବତାରଙ୍କ ଲୀଳାମାନ ପ୍ରତ୍ୟକ୍ଷ କରିପାରି ନଥାନ୍ତି ତଥାପି ଭକ୍ତିରେ ତାଙ୍କ ପାଇଁ ପାଗଳ ପ୍ରାୟ ହୁଅନ୍ତି ସେମାନେ ଆହୁରି ବଡ଼ ଭକ୍ତ ବୋଲି ଶାସ୍ତ୍ରମାନେ ଏକ ସ୍ୱରରେ କହିଥାନ୍ତି।

ଭଗବାନଙ୍କର ମୃତ୍ୟୁ ନଥାଏ। ସେ ନିଜେ କାଳ ସ୍ୱରୂପ। ସେ କାଳାତିତ, କାଳଦର୍ପ ଦମନକାରୀ। କାଳ ତାଙ୍କର କ'ଣ କରିବ ? ତାଙ୍କ ସ୍ଥୂଳ ଶରୀରର ଅନୁପସ୍ଥିତି ଗୋପୀ ମାନଙ୍କୁ ଯେଭଳି ବାତୁଳି କରିଥିଲା, ଭକ୍ତି ଜର୍ଜରିତ ହୃଦୟଗୁଡ଼ିକ ଭଗବାନଙ୍କ ଲାଗି ସେଭଳି ପାଗଳ ପ୍ରାୟ ହୁଅନ୍ତି ତାହା ଏକ ଆଧ୍ୟାତ୍ମିକ ଜୀବନ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଭଗବାନ ତାଙ୍କ ଦେହକୁ କିଛି କାଳ ପାଇଁ ଅସ୍ତମିତ କରାଇ ଦିଅନ୍ତି ଯଦ୍ୱାରା କୋଟି କୋଟି ଲୋକ ତାଙ୍କ ପାଇଁ ଝୁରି ହୋଇ ତାଙ୍କ ନିକଟବର୍ତ୍ତୀ ହୋଇ ଜୀବନ ସାର୍ଥକ କରିପାରିବେ। ଜନସାଧାରଣ ତାହାକୁ କହିଥାନ୍ତି ଭଗବାନଙ୍କ ମହାପ୍ରୟାଣ।

ବିଷୟ ବାସନାରୁ ନିବୃତ୍ତ କରି ମନକୁ ପରମାତ୍ମାଙ୍କ ଠାରେ ନିବିଷ୍ଟ କରେ ଭଗବାନଙ୍କ ମହାପ୍ରୟାଣ। ବାୟୁ ପ୍ରବାହ ନଥିବା ସ୍ଥାନରେ ନିଶ୍ଚଳ ଦୀପଶିଖାସମ ମାନସିକ ସ୍ଥିତି ପ୍ରଦାନ କରେ ଭଗବାନଙ୍କ ମହାପ୍ରୟାଣ। ସତ୍ୟାନ୍ୱେଷଣରେ ବ୍ରତୀକରି ଦୈବାନ୍ୱେଷଣରେ ପ୍ରବୃତ୍ତ କରେ ଭଗବାନଙ୍କ ମହାପ୍ରୟାଣ। ସମସ୍ତ ଦ୍ୱନ୍ଦ୍ୱ ଅବସ୍ଥାରୁ ଉର୍ଦ୍ଧ୍ୱକୁ ନେଇ ଅଦ୍ୱୈତ ଅନୁଭୂତି ପ୍ରଦାନ କରେ ଭଗବାନଙ୍କ ମହାପ୍ରୟାଣ। ମାନବ ଦେହ ଜନିତ ଅହଂକାରରୁ ମୁକ୍ତ କରେ ଭଗବାନଙ୍କ ମହାପ୍ରୟାଣ। କର୍ମ ବନ୍ଧନରୁ ଉଦ୍ଧାର କରି ସମସ୍ତ କର୍ମଫଳ ବିଦୁରିତ କରେ ଭଗବାନଙ୍କ ମହାପ୍ରୟାଣ। ଅନ୍ତଚେତନାରେ ଅନ୍ଧକାର ପରିବେର୍ତ୍ତ ଜ୍ୟୋତିର୍ମୟ ମଣ୍ଡଳ ସୃଷ୍ଟି କରେ ଭଗବାନଙ୍କ ମହାପ୍ରୟାଣ। ମାନବତ୍ୱରୁ ମାଧବତ୍ୱକୁ ବାଟ କଢ଼ାଇ ସାଧନାରେ ପ୍ରବୃତ୍ତ କରେ ଭଗବାନଙ୍କ ମହାପ୍ରୟାଣ। ମମତ୍ୱବୋଧରୁ ଉଠାଇ ନେଇ ବ୍ରହ୍ମତ୍ୱବୋଧ ଜାଗ୍ରତ କରେ ଭଗବାନଙ୍କ ମହାପ୍ରୟାଣ। ଜାଗତିକ ବିଚାରଧାରାରୁ ଉର୍ଦ୍ଧ୍ୱକୁ ନେଇ ଆଧ୍ୟାତ୍ମିକ ସାଧନାରେ ଆଗ୍ରହୀ କରାଏ ଭଗବାନଙ୍କ ମହାପ୍ରୟାଣ।

*ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ', ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ। ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ



ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା



ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା



ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ



ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରି ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ। ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା



ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ



ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ



ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ



ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m. x 4cm: Rs. 350/- (One day)
5c.m. x 4cm: Rs. 5,000/- (One Month)
5c.m. x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday April 25 | ଭୁବନେଶ୍ୱର ଶୁକ୍ରବାର, ୨୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## ସୂଚନା ଓ ଲୋକସମ୍ପର୍କ ବିଭାଗ ନବ ନିଯୁକ୍ତ ନିର୍ଦ୍ଦେଶକଙ୍କୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଘର ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ପି.ଏନ) : ଓଡ଼ିଶା ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗରେ ଜଣେ ବିଶିଷ୍ଟ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱ ଦେବ ପ୍ରସାଦ ଦାଶ ନିଯୁକ୍ତ ହୋଇଥିବା ପରିପ୍ରେକ୍ଷୀରେ ଓଡିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ ପକ୍ଷରୁ ଏକ ପ୍ରତିନିଧିଦଳ ବିଭାଗର ରାଜ୍ୟ କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ପୁଷ୍ପ ଗୁଚ୍ଛ ଓ ଉ ରୀୟ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଆଲୋଚନା ସମୟରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡିକର ଦୀର୍ଘ ଦିନ ଧରି ଅସମାହିତ ହୋଇ ରହିଥିବା ବିଭିନ୍ନ ସମସ୍ୟା ଗୁଡିକ ନିର୍ଦ୍ଦେଶକଙ୍କ ଦୃଷ୍ଟିଆକର୍ଷଣ କରାଯାଇ ଥିଲା ଏବଂ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ସମ୍ବର୍ଦ୍ଧନା ଉ ରରେ ନିର୍ଦ୍ଦେଶକ ଶ୍ରୀ ଦାଶ ସକରାତ୍ମକ ଟିପ୍ପଣୀ ଦେବାସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପ୍ରତିନିଧିଦଳରେ ସଂଗଠନର ଅଧକ୍ଷ



ରବି ରଥ, କାର୍ଯ୍ୟକାରୀ ସଭାପତି ଡାକ୍ତର ଜୀବନାନନ୍ଦ ଦୀକ୍ଷିତ, ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଉପସଭାପତି ରମାକାନ୍ତ ପରିଜା, ସଂଗଠନ ସମ୍ପାଦକ ସ୍ୱଦେଶ ଚନ୍ଦ୍ର ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପହଲଗାମରେ ସହୀଦ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଯାତ୍ରା

ଭୁବନେଶ୍ୱର,(ପି.ଏନ): ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଏକ ବର୍ବର ଏବଂ ନୃଶଂସ ଆତଙ୍କବାଦୀ ଆକ୍ରମଣରେ ମଙ୍ଗଳବାର ୨୯ ଜଣଙ୍କ ଜୀବନ ଯାଇଥିବାବେଳେ, ୯ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ତେବେ ବୁଧ ବର ସନ୍ଧ୍ୟାରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଓ ନିର୍ଭିକ ଖବର ପକ୍ଷରୁ ସହିଦଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିଯାଇଥିଲା । ଭାରତ ମାତାକି ଜୟ, ବନ୍ଦେ ମାତରଂ ସ୍ଲୋଗାନ ଦେଇ ବାଳକାଟି ବ୍ରିଜ ଠାରୁ ମଦନମୋହନ ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡଲେ ଶୋଭାଯାତ୍ରାରେ ପରିକ୍ରମା ପରେ ପ୍ରଭୁ ମଦନମୋହନଙ୍କ ନିକଟରେ ସହିଦ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି କାମନା କରିଥିଲେ। ଏହି



କାର୍ଯ୍ୟକ୍ରମରେ କାଞ୍ଚନ ଫାଉଣ୍ଡେସନର ସଭାପତି ରଞ୍ଜନ କୁମାର ମହାପାତ୍ର, ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ, ପ୍ରଦୀପ୍ତ କୁମାର ମହାନ୍ତି,ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ସହ ସମ୍ପାଦକ ପ୍ରଳୟ କୁମାର ଦାସ ଉମାକାନ୍ତ ବେହେରା, ସୁରେଶ ବେହେରା, କାହ୍ନୁଚରଣ ଦାସ, ଦୀପକ୍ କୁମାର ସ୍ୱାଇଁଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଗୀତା ନାମରେ ବାଇବେଲ ବିକ୍ରି ଅଭିଯୋଗ

ଭୁବନେଶ୍ୱର,(ପି.ଏନ): ଅଦ୍ୟ ତା ୨୪. ୦୪୨୫ ରିଖ ଅପରାହ୍ନ ସମୟରେ ତିନି ଜଣ ବ୍ୟକ୍ତି ଗୀତା ଲେଖାଥିବା ବହି ମାତ୍ର ଦଶ ଟଙ୍କାରେ ବାଣପୁର ବଜାରରେ ବିକ୍ରୟ କରୁଥିଲେ। ହିନ୍ଦୁ ଏକତା ମଞ୍ଚ ଭାରତ ବାଣପୁର ସଂଗଠନ ର ଉପସଭାପତି ଶ୍ରୀ ବ୍ରଜ କିଶୋର ଜେନା ସେହି ବହିଟି ଦେଖିବାରେ ଜଣାଗଲା ଯେ ବହି ଭିତରେ ବାଇବେଲ ବିଷୟରେ ଲେଖା ଯାଇଛି। ଉପରକୁ ଗୀତା ନାମ ଦେଇ ସ୍ୱଳ୍ପ ମୂଲ୍ୟରେ ବାଇବେଲ ର ପ୍ରଚାର କରାଯାଉଛି। ଶ୍ରୀ ଜେନା ଯେତେବେଳେ ସେମାନଙ୍କ ଫୋଟ ଉଠଇ ପ୍ରଶ୍ନ ପଚାରିଲେ ସେମାନେ ସେ



ସ୍ଥାନ ଛାଡି ଚାଲିଗଲେ। ଖ୍ରୀଷ୍ଟ ଧର୍ମ ର ପ୍ରଚାର କରିବା ପାଇଁ ଏ ପ୍ରକାର ଅଭିନବ ଉପାୟ ଅବଲମ୍ବନ କରାଯାଉଥିବାରୁ ସନାତନୀ ହିନ୍ଦୁ ମାନେ ଏଥି ପ୍ରତି ସତର୍କ ରହିବାକୁ ସଂଗଠନ ର ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଜେନା ପରାମର୍ଶ ଦେଇଛନ୍ତି।

## ଧାମନଗରରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ

ଧାମନଗର (ପି.ଏନ): ଧାମନଗର ଠାରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ କରାଯାଇଛି।ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପ ଠାରେ ଏହି କାର୍ଯ୍ୟକ୍ରମ ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନ ବିହାରୀ ଦିନ୍ଦାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ,ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବକ୍ତବ୍ୟ ଆଭାସି ମାଧ୍ୟମରେ ଉପସ୍ଥିତ ଜନସାଧାରଣ ଶୁଣିଥିଲେ।ଏହି ଅବସରରେ ୧୯ଜଣ ହିତାଧିକାରୀଙ୍କୁ ନୂତନ ରେସନ କାର୍ଡ ବିତରଣ କରଯାଇଥିଲା। ଏହି ଉତ୍ସବରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ,ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ୍,ଯୋଗାଣ ଅଧିକାରୀ ରସାନନ୍ଦ ସାହୁ,ସହଯୋଗୀ ଗୀରିଜା ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପାହଲଗାମ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ପାରାଦୀପ ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦର କ୍ୟାଣ୍ଡେଲ ଶୋଭାଯାତ୍ରା

ପାରାଦୀପ ,(ପି.ଏନ): ଜମ୍ମୁ ଓ କାଶ୍ମୀର ର ପାହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ବର୍ବର ଆକ୍ରମଣ କୁ ଦୃଢ଼ ନିନ୍ଦା କରି ପାରାଦୀପ ମହାବିଦ୍ୟାଳୟ ଓ ଏନସିସି ପ୍ରାକ୍ତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ଏକ ପ୍ରତିବାଦ ସୂଚକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବନ୍ଦର ସହରର ବିଭିନ୍ନ ମୁଖ୍ୟ ରାସ୍ତା ଓ ଛକ ପରିକ୍ରମା କରି ବଡପଡ଼ିଆ ସ୍ଥିତ ମା ଶାରଳା ମନ୍ଦିର ଠାରେ ଶେଷ ହୋଇଥିଲା କ୍ଷ ଗତ ୨୨ ତାରିଖରେ କାଶ୍ମୀର ର ପହଲଗାମ ଠାରେ ନିରୀହ ପର୍ଯ୍ୟଟକ ମାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୭ ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା । ସଂସଦ ର ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ମୃତ ପର୍ଯ୍ୟଟକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ମା' ଶାରଳା ଙ୍କ ପାଖରେ ଦୀପ ପ୍ରଜ୍ୱଳନ କରି ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ସାମୁହିକ ପ୍ରାର୍ଥନା କରାଯିବା ସହ ସରକାର ଆତଙ୍କବାଦୀ ଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ, ଅଧାପକ ତଥା ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର, ଅଧାପକ ଗଣେଶ୍ୱର ପାତ୍ର, ଦୁଇ ପ୍ରାକ୍ତନ ଛାତ୍ର ସଂସଦ ର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ କ୍ଷ ତେବେ ଏଭଳି ଦୁଃଖଦ ଘଟଣାରେ ପାରାଦୀପ ରେ କୌଣସି ରାଜନୈତିକ ଦଳ, ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ ବା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିନଥିଲା ।

## ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାରରେ ସମ୍ମାନିତ

ଦାନଗଦି, (ପି ଏନ୍) : ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ଯାଜପୁର ୟୁନିଟ୍ ଉତ୍ପାଦନ ବର୍ଗରେ ପ୍ରତିଷ୍ଠିତ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର ୨୦୨୪ରେ ପ୍ରଦର୍ଶନ ଉତ୍କର୍ଷତା କ୍ଷେତ୍ରରେ ସମ୍ମାନିତ ହୋଇଛି । ୨୩ ଏପ୍ରିଲ, ୨୦୨୫ରେ ମୁମ୍ବାଇର ଆଇଏମସି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଗୁଣବତ୍ତା, ନବସୃଜନ, ଗ୍ରାହକ-କେନ୍ଦ୍ରିକତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଜିନ୍ଦଲ ଷ୍ଟେନଲେସର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି । ବିଶ୍ୱସ୍ତରୀୟ ପ୍ରସିଦ୍ଧ ମାଲକମ୍ ବାଲଡ୍ରିଜ୍ ଜାତୀୟ ଗୁଣବତ୍ତା ପୁରସ୍କାର ଢାଞ୍ଚା ଉପରେ ଆଧାରିତ, ଏହି ମାନ୍ୟତା ଭାରତୀୟ ଉତ୍ପାଦନରେ ଉତ୍କର୍ଷତା ପାଇଁ ଏକ ମାନଦଣ୍ଡ ଭାବରେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରୁଛି ।୧୯୯୬ରେ ପ୍ରତିଷ୍ଠିତ, ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର ହେଉଛି ଭାରତର ପ୍ରମୁଖ ଗୁଣବତ୍ତା ପୁରସ୍କାର ମଧ୍ୟରୁ ଗୋଟିଏ, ଯାହା ନେତୃତ୍ୱ, ଗ୍ରାହକ ଧ୍ୟାନ ଏବଂ ବ୍ୟବସାୟିକ ଫଳାଫଳ ଉପରେ ସଂଗଠନଗୁଡ଼ିକର ମୂଲ୍ୟାଙ୍କନ କରେ। ଏହାର କଠୋର, ବିଶ୍ୱସ୍ତରୀୟ ସମନ୍ୱିତ ମୂଲ୍ୟାଙ୍କନ ପ୍ରକ୍ରିୟା ସହିତ, ପୁରସ୍କାର ଏକ ସମ୍ମାନଜନକ




ଶିଳ୍ପ ମାନଦଣ୍ଡ ଭାବରେ କାର୍ଯ୍ୟ କରେ। ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ଏହାର ଦୃଢ଼ ସିଷ୍ଟମ, ଲୋକ-ଚାଳିତ ସଂସ୍କୃତି ଏବଂ ନିରନ୍ତର ଉନ୍ନତି ଉପରେ ସ୍ଥିର ଧ୍ୟାନ ପାଇଁ ସମ୍ମାନିତ ହୋଇଛି।ଏହି ସଫଳତା ଉପରେ ମତ ଦେଇ, ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ମୁଖ୍ୟ ଶ୍ରୀ ଦୀପକ ଅଗ୍ରୱାଲ କହିଛନ୍ତି, "ଆମେ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପ୍ରଦର୍ଶନ ଉତ୍କର୍ଷତା ପୁରସ୍କାର ପାଇ ଧନ୍ୟ ମନେ କରୁଛୁ । ଏହି ମାନ୍ୟତା ଆମ ଦଳର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଗ୍ରାହକ ମୂଲ୍ୟ ପାଇଁ ନିରନ୍ତର ପ୍ରୟାସର ଏକ ପ୍ରମାଣ। ଏହା ଷ୍ଟେନଲେସ ଷ୍ଟିଲ୍ ଶିଳ୍ପ କ୍ଷେତ୍ରରେ ଉଦାହରଣ ଦେଇ ନେତୃତ୍ୱ ନେବା ଏବଂ ଗୁଣବତ୍ତା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ ଆମର ଲକ୍ଷ୍ୟକୁ ସୁଦୃଢ଼ କରୁଛି । ଆମେ ଏହି ସଫଳତାକୁ ଆମର କର୍ମଚାରୀ, ଅଂଶୀଦାର ଏବଂ ଗ୍ରାହକମାନଙ୍କୁ ଉତ୍ସର୍ଗ କରୁଛୁ ଯେଉଁମାନେ ଆମର ଗୁଣବତ୍ତା ଯାତ୍ରାର ଅବିଚ୍ଛେଦ୍ୟ ଅଂଶୀଦାର।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray